## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲରେ ଚାଷ କରି ୨ ଗିରଫ

**ଡାବୁଗାଁ, ୧୯।୭ (ଡି.ଏନ୍.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ମଇଦଲପୁର ସେକସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲରେ ଚାଷ କରିବା ସମୟରେ ଡାବୁଗାଁ ବନ ବିଭାଗ ଗୁରୁବାର ରାତିରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାରିଆମ୍ବ ଗ୍ରାମର କିଶୋର ହନ୍ତାଳ (୩୮) ଓ ପ୍ରତାପ ଖୋରା (୨୫)। ପ୍ରକାଶ ଯେ, ଗୁରୁବାର ରାତିରେ ମଇଦଲପୁର ସେକସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲର ମାରିଆମ୍ବ ଗ୍ରାମ ନିକଟରେ ଅଭିଯୁକ୍ତମାନେ ଜଙ୍ଗଲ କାଟି ଏକ ଟ୍ରାକ୍ଟର ଯୋଗେ ଚାଷ କରୁଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ। ଘଟଣାସ୍ଥଳରୁ ୪୫ଟି ବଲ୍ଲା ଓ ଏକ ଟ୍ରାକ୍ଟର ଜବତ କରାଯାଇଛି। ଶୁକ୍ରବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ ନଂ ୭୭/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଚଢାଉ ସମୟରେ ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ସୁବ୍ରତ ବାବାଲି, ରାମାକାନ୍ତ ସାହୁ, ନୀରବ ସୁନା, ପାରା ଫରେଷ୍ଟ୍ରି କର୍ମଚାରୀ ଉମାଶଙ୍କର ନାୟକ ଓ ମୁନା ଖାନ ପ୍ରମୁଖ ସାମିଲ ଥିଲେ।

### ଆଇନ ସଚେତନତା ଶିବିର

**ନବରଙ୍ଗପୁର,୧୯।୭(ବି.ପ୍ର.)-** ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରରେ ଶିଶୁ ଯତ୍ନ, ଶିଶୁ ସୁରକ୍ଷା ଆଇନ ଓ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ପରିବାର ବିଚାର ବିଭାଗୀୟ ଜଜ୍ ବିକ୍ରମ ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାଶ, ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ବରିଷ୍ଠ ଦେୱାନୀ ଜଜ୍ ଏସ. ଶୁଭଲକ୍ଷ୍ମୀ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରଶନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ନାଥ ଧାକଡ, ଆଇନଜୀବୀ ସାଲମା ବାନୋ ଉପସ୍ଥିତ ଥିଲେ। ପ୍ରାଧିକରଣ ସମ୍ପାଦକ ବେହେରା ସଭା କାର୍ଯ୍ୟ ଆରମ୍ଭ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧାକଡ ଧନ୍ୟବାଦ ଦେଇଥିଲେ। ଆଇନସେବା ପ୍ରାଧିକରଣ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଚାରାରୋପଣ

**ନବରଙ୍ଗପୁର,୧୯।୭(ବି.ପ୍ର.)-** ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ସାମାଜିକ କର୍ମୀ ଅଭିଳାଶ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ଜିଲା ଅଧିକାରୀ ଜୟଶଙ୍କର ଯୋଶୀ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ଭବ ଅନୁଷ୍ଠାନର ସାମାଜିକ କର୍ମୀ ଆର. ଅହମ୍ମଦ, ବାଙ୍କ ବିହାରି ବିଷୋୟୀ, ସାମାଜିକ କର୍ମୀ ପ୍ରଦୀପ ତ୍ରିପାଠୀ ଯୋଗ ଦେଇଥିଲେ। ପଲିଥିନ ବ୍ୟବହାର ଦ୍ୱାରା ବ୍ୟାପୁଥିବା ରୋଗ ଓ ପରିବେଶ ଦୂଷିତ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋପିନାଥ ପଟ୍ଟନାୟକ, ଇତିଶ୍ରୀ ନାୟକ ସହଯୋଗ କରିଥିଲେ ।

■ ଜିଲାପାଳଙ୍କ ତେନ୍ତୁଳିଖୁଣ୍ଟି ଗସ୍ତ

# ହିତାଧିକାରୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଅ

**ତେନ୍ତୁଳିଖୁଣ୍ଟି, ୧୯।୭ (ଡି.ଏନ୍.ଏ.)**

■ସଲପା ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ର ବୁଲିଲେ

■ବର୍ଷାଦିନିଆ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଶୁକ୍ରବାର ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ବର୍ଷାଦିନିଆ ରୋଗରୁ କିପରି ଦୂରେଇ ରହିବେ ସେ ନେଇ ଗ୍ରାମବାସୀଙ୍କୁ ସଚେତନ କରିବାକୁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲାପାଳ ପ୍ରଥମେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଚାରାରୋପଣ କରିଥିଲେ। ପରେ ଦିଗି ପଞ୍ଚାୟତ ଗସ୍ତ କରିଥିଲେ। ସେଠାରେ 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମରେ ହୋଇଥିବା ୨ଟି କମ୍ୟୁନିଟି ସେଣ୍ଟର ଏବଂ କମନ୍ ଟଏଲେଟ୍ କାର୍ଯ୍ୟ ବୁଲି ଦେଖିଥିଲେ। ସେଠାରୁ ସଲପା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ ପ୍ରାକ୍ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ କଥାବାର୍ତ୍ତା ହେବା ସହ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଉଛନ୍ତି କି ନା ପଚାରି ବୁଝିଥିଲେ। ଦିଗିଠାରୁ ମଞ୍ଚାଗାଁ ପଞ୍ଚାୟତର ଛାରପଦରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗୋରୁଶାଳ ପାଇବାକୁ ଆବେଦନ କରିବାକୁ ଜିଲାପାଳ ଗ୍ରାମବାସୀଙ୍କୁ କହିଥିଲେ। ବର୍ଷାଦିନରେ ସଫାସୁତରା ରହିବା ତଥା ମହାମାରୀରୁ ମୁକ୍ତି କିପରି ପାଇବେ ସେ ନେଇ ସଚେତନତା ସୃଷ୍ଟି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁମାନଙ୍କ ଘର ଅବସ୍ଥା ଠିକ୍ ନାହିଁ ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଜିଲାପାଳ କହିଥିଲେ। ସେଠାରୁ ଜିଲାପାଳ ଖାତିଗୁଡାସ୍ଥିତ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ପୁନର୍ବାସ ଥଇଥାନ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ବୁଡି ଅଞ୍ଚଳବାସୀଙ୍କ ରହିଥିବା ବିଭିନ୍ନ ଦାବି ଦିଗରେ ବିଭାଗ କ'ଣ ସବୁ କାର୍ଯ୍ୟକ୍ରମ ହାତକୁ ନେଇଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ଅକ୍ଷମିତା କାର୍ତ୍ତିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ନୀତି ଆୟୋଗ ଅଧିକାରୀଙ୍କ ନବରଙ୍ଗପୁର ବ୍ଲକ ଗସ୍ତ

# ବୁଣାକାର, ଅଙ୍ଗନୱାଡି କର୍ମୀଙ୍କ ସହ ଆଲୋଚନା

**ନବରଙ୍ଗପୁର,୧୯।୭(ବି.ପ୍ର.)**

ନିତୀ ଆୟୋଗ ଯୁବ ବ୍ୟାପାର ସ୍ୱାସ୍ଥ୍ୟ ଓ ପୋଷଣ ବିଭାଗର ଖୁସବୁ ସାୟାଦ ଶୁକ୍ରବାର ନବରଙ୍ଗପୁର ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ସାନମସିଗାଁର ବୁଣାକାର ମାନଙ୍କ ସହ ସାକ୍ଷାତ କରିଛନ୍ତି। ସେମାନେ କିଭଳି ଜୀବିକା ଉପାର୍ଜନ କରୁଛନ୍ତି ସେ ନେଇ ପଚାରିବୁଝିଥିଲେ । ବୁଣାକାର ମାନେ ସୂତା କୋରାପୁଟ ଜିଲା କୋଟପାଡ ଠାରୁ ଆଣିବା ଓ ଆଲୋଗଛ ମିଳି ନ ଥିବାରୁ ରଙ୍ଗ ତିଆରି କରିବାରେ ସମସ୍ୟା ରହୁଥିବା ଜଣାଇଥିଲେ। ବ୍ୟବସାୟ ପାଇଁ ବଜାର ବ୍ୟବସ୍ଥା ସହ ଉତ୍ତମ ତାଲିମ ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ। ସେହିଭଳି ୨୦୧୧ରୁ ଗୋଷ୍ଠୀ ସାଧନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ହୋଇ ପାରୁ ନ ଥିବାରୁ ସେମାନେ ଏକାଠି ବସି କାର୍ଯ୍ୟ କରୁ ନ ଥିବା ଜଣାଇଛନ୍ତି। ସେହିଭଳି ନବରଙ୍ଗପୁର ପୌରାଞ୍ଚଳର ଗାଦବାଗୁଡା ସାହି ଶାସ୍ତ୍ରୀ କ୍ଲବରେ ଅଙ୍ଗନୱାଡି କର୍ମୀ, ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଶିଶୁ ମାନଙ୍କୁ କିଭଳି ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ କଣ ସବୁ ବ୍ୟବସ୍ଥା ଓ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଛି ତହା ପଚାରି ଥିଲେ। ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଥିବା ମାତୃ ଓ ଶିଶୁ ଚିକିତ୍ସା ବିଭାଗ(ଏମସିଏସ) କୋଠା ଦେଖିଥିଲେ। ଏହା କେବେ କାର୍ଯ୍ୟକାରୀ ହେବ ଓ ତହାର ଅଗ୍ରଗତି ସମ୍ପର୍କରେ ପଚାରି ଥିଲେ। ଡାକ୍ତରଖାନାରେ ରୋଗୀଙ୍କ ସହ ସାକ୍ଷାତ କରିବା ଓ ରୋଗୀ ସେବା ସମ୍ପର୍କରେ ପଚାରିଥିଲେ। ଏହି ଗସ୍ତ ସମୟରେ ଏପିଡି ସୂର୍ଯ୍ୟକାନ୍ତ ବେହେରା ଉପସ୍ଥିତ ଥିଲେ।


ଗାଦବାଗୁଡା ଶାସ୍ତ୍ରୀ କ୍ଲବରେ ଅଙ୍ଗନୱାଡି, ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରୁଛନ୍ତି ଖୁସବୁ ସାୟାଦ ।

### ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଯୋଗାଇବା ଘଟଣା
## ମିଲ ମାଲିକ ଗିରଫ

**ଡାବୁଗାଁ, ୧୯।୭ (ଡି.ଏନ୍.ଏ.)**

ଡାବୁଗାଁ ବ୍ଲକ ଅଧୀନ କାଳି ସୁନ୍ଦରୀ ରାଇସ ମିଲ ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଯୋଗାଇବା ଘଟଣାରେ ମିଲ ମାଲିକ ଗମ୍ଭୀର ହରିଜନଙ୍କୁ ଶୁକ୍ରବାର ଡାବୁଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରାଇସ ମିଲ ମାଲିକ ଗତ ୨୦୧୬-୧୭ ଖରିଫ ଧାନ ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ଦେବା ପାଇଁ ଜିଲା ଯୋଗାଣ ବିଭାଗ ସହ ଚୁକ୍ତି କରିଥିଲେ। ସେହି ବର୍ଷ ମଣ୍ଡିରୁ ୧୬୨୧ କୁଇଣ୍ଟାଲ ଧାନ ଉଠାଇଥିଲେ । ସରକାରଙ୍କୁ ୧୦୮୨ କୁଇଣ୍ଟାଲ ଧାନ ଯୋଗାଇବାର ଥିଲା କିନ୍ତୁ ୩୯୯ କୁଇଣ୍ଟାଲ ଚାଉଳ ଦେବା ପରେ ବଳକା ୬୮୨ କୁଇଣ୍ଟାଲ ଚାଉଳ ଦେଇନଥିଲେ। ଏନେଇ ଯୋଗାଣ ବିଭାଗ ପକ୍ଷରୁ ବାରମ୍ବାର ନୋଟିସ ଦିଆଯାଇଥିଲେ ମଧ୍ୟ ମିଲ ମାଲିକ ତାହାକୁ ଅଣଦେଖା କରିଥିଲେ। ଏନେଇ ଚଳିତ ମାସ ୩ ତାରିଖରେ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା ମିଲ ମାଲିକ ଗମ୍ଭୀରଙ୍କ ନାମରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୭୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ସବ୍‌ଇନ୍‌ସପେକ୍ଟର ରଙ୍କନିଧି ସାହୁ କହିଛନ୍ତି।

■ ବିସ୍କୁଟ ଖାଇ କନ୍ୟାଶ୍ରମ ଛାତ୍ରୀ ଅସୁସ୍ଥ ଘଟଣା

# ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

**ଚନ୍ଦାହାଣ୍ଡି, ୧୯।୭(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଳବେଡା କନ୍ୟାଶ୍ରମରେ ବିସ୍କୁଟ ଖାଇ ୪୬ଜଣ ଛାତ୍ରୀ ଅସୁସ୍ଥ ହୋଇଥିଲେ। ଏହାପରେ ଜିଲା ମଙ୍ଗଳ ଅଧିକାରୀ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଥିଲେ। ତାଙ୍କ ରିପୋର୍ଟ ଅନୁଯାୟୀ ଶୁକ୍ରବାର ସ୍କୁଲ ପ୍ରଧାନଶିକ୍ଷକ ଗଣେଶ୍ୱର ବିଶ୍ୱାଳଙ୍କୁ ନିଲମ୍ବନ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ମେସେଞ୍ଜର ବ୍ଲକ ମଙ୍ଗଳ ଅଧିକାରୀଙ୍କ ସହ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଦଳବେଡ଼ା କନ୍ୟାଶ୍ରମରେ ବିସ୍କୁଟ ଖାଇ ୪୬ଜଣ ଛାତ୍ରୀ ଅସୁସ୍ଥ ହୋଇଥିଲେ। ଏହାର ତଦନ୍ତ ପାଇଁ ଜିଲା ମଙ୍ଗଳ ଅଧିକାରୀ ପବିତ୍ରମୋହନ ପ୍ରଧାନ ଗୁରୁବାର ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ବିସ୍କୁଟ ଜବତ କରିଥିଲେ। ପରେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ରନ୍ଧା ଖାଦ୍ୟ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ବିସ୍କୁଟର ମାନ ପରୀକ୍ଷା କରିବାକୁ ସାଙ୍ଗରେ ନେଇ ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏପଟେ ଜିଲା ଭାଜପାର ଏକ ଟିମ ବିଦ୍ୟାଳୟକୁ ଯାଇ ରନ୍ଧା ଖାଦ୍ୟ ଯାଞ୍ଚ କରିଥିଲେ। ପିଲାମାନଙ୍କୁ ପାଣିଆ ଡାଲି ସହ ପୋକରା ଚାଉଳର ଭାତ ଦିଆଯାଉଛି ବୋଲି ସେମାନେ କହିଛନ୍ତି। ବିଦ୍ୟାଳୟ ଛାତ୍ରୀମାନଙ୍କୁ ସରକାରଙ୍କ ମେନୁ ହିସାବରେ ରନ୍ଧାଖାଦ୍ୟ ଦିଆ ଯାଉ ନ ଥିବା ଭାଜପା ଅଭିଯୋଗ କରିଥିଲା। ଘଟଣାକୁ ଗୁରୁତର ସହ ନେଇ ଜିଲାପାଳ ପ୍ରଧାନଶିକ୍ଷକଙ୍କୁ ଶୁକ୍ରବାର ନିଲମ୍ବନ କରିଛନ୍ତି।

# ଦଳବେଡା କନ୍ୟାଶ୍ରମରେ ସ୍ୱାସ୍ଥ୍ୟ ଶିବିର

**ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ**


ଜଣେ ଛାତ୍ରୀଙ୍କୁ ଔଷଧ ଦିଆଯାଉଛି।

**ଚନ୍ଦାହାଣ୍ଡି, ୧୯।୭ (ଡି.ଏନ.ଏ.)**

ଚନ୍ଦାହାଣ୍ଡି ବ୍ଲକ ଦଳବେଡା କନ୍ୟାଶ୍ରମରେ ଶୁକ୍ରବାର ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏମ୍‌ଏଚ୍‌ୟୁ ପକ୍ଷରୁ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣେଶ୍ୱର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଏଥିରେ ଏମ୍‌ଏଚ୍‌ୟୁ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ। ଖାଇବା ପୂର୍ବରୁ ସାବୁନରେ ହାତ ଧୋଇବା, ପାଣି ଫୁଟାଇ ପିଇବାକୁ ପରାମର୍ଶ ଦେଇଥିଲେ। ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଭଳି ରୋଗରୁ ରକ୍ଷା ପାଇବା ପାଇଁ ବିଦ୍ୟାଳୟ ପରିସର ସଫା ରଖିବା, ବାସି ଖାଦ୍ୟ ନ ଖାଇବାକୁ ପରାମର୍ଶ ଦେଇଥିଲେ। କୌଣସି ଛାତ୍ରୀଙ୍କ ଦେହ ଖରାପ ହେଲେ ବିଦ୍ୟାଳୟରେ ରହୁଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବା ପାଇଁ ଛାତ୍ରୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ରମେଶ ଦାଶ, ବାଳଗୋବିନ୍ଦ ମାଝି, ଶିକ୍ଷୟିତ୍ରୀ ଶିକ୍ଷକ, ମହିଳା ସ୍ୱାସ୍ଥ୍ୟକର୍ମୀ ଜୟଶ୍ରୀ ସାମଲ, ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ମଧୁସୂଦନ ନାୟକ, ରାମପ୍ରସାଦ ଗଣ୍ଡ, ହଳଧର ଛତ୍ର, ସ୍ୱାଧୀନ ଦାଶ, କୁମର ବାଘ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଭାସିନୀ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା।

■ ଉମରକୋଟରେ ଡେଙ୍ଗୁ ଆଶଙ୍କା

# ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

**ଉମରକୋଟ,୧୯।୭(ଡି.ଏନ୍.ଏ.)**

**୪ ଗୁରୁତରଙ୍କୁ କୋରାପୁଟ ସ୍ଥାନାନ୍ତର**

ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଉମରକୋଟ ପୌରପରିଷଦର ୱାର୍ଡ ନଂ-୧୨ ଡିଏନ୍‌କେର ସୁଧୀର ହରିଚନ୍ଦନଙ୍କ ମୃତ୍ୟୁ ହୋଇଛି। ଏଥିସହ ଏହି ୱାର୍ଡର ଅନ୍ୟ ୪ଜଣ ମଧ୍ୟ ଜ୍ୱରରେ ପୀଡିତ ଅଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେ ସମସ୍ତଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ୧୨ ନଂ ୱାର୍ଡର ସୁଧୀର ହରିଜନ, ପ୍ରତିମ ହରିଜନ, ରାଜୁ ହରିଜନ, ସୁରମି ହରିଜନ, ବାବୁ ହରିଜନ ବିଶାଖାପାଟନମ୍‌ରେ ଦାଦନ ଶ୍ରମିକଭାବେ କାମ କରୁଥିଲେ। ସେଠାରେ ସମସ୍ତଙ୍କ ଶରୀର ଅସୁସ୍ଥ ହୋଇପଡିବାରୁ ସେମାନେ ଦୁଇ ଦିନ ପୂର୍ବେ ଘରକୁ ଫେରି ଆସିଥିଲେ। ଗୁରୁବାର ରାତିରେ ସୁଧୀରଙ୍କ ଦେହ ଅତ୍ୟଧିକ ଖରାପ ହେବା ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୪ଜଣ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ନେଇ ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ଏହାପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ତେଣୁ ସ୍ଥାନୀୟ ଅଞ୍ଚଳର କୁନା ସାହୁ, ଅଶୋକ ପାଢ଼ୀ, ଲାଲବାନ କଲାରୀ,ଶ୍ୟାମ ରଜକ୍, ବୁଖାଲୁ ମେହେର ପ୍ରମୁଖ ସ୍ଥାନୀୟ ମ୍ୟୁନିସିପାଲିଟିକୁ ଫୋନ୍ କରି ସାହିର ନାଳ ନର୍ଦ୍ଦମା ସଫା କରିବାକୁ କହିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

**ଡାବୁଗାଁ,୧୯।୭ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଡାବୁଗାଁ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି। ଡାବୁଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଓ ଛାତ୍ରୀଛାତ୍ର ଶାଗୁଆନ, ଅମୃତଭଣ୍ଡା, ସଜନା, ପିଜୁଳି, ରାଧାଚୂଡା, କୃଷ୍ଣଚୂଡା, ଆମ୍ବ, ଜାମୁକୋଳି, ବଉଳ, ମହାନିମ୍ବ, ଦେବଦାରୁ ଚାରାରୋପଣ କରିଥିଲେ। ଏଠାରେ ମୋଟ ୨୦୦ଟି ଚାରା ରୋପଣ କରାଯାଇଛି। ପରିବେଶର ସୁରକ୍ଷା କରିବାକୁ ହେଲେ ଗଛର ଆବଶ୍ୟକତା ରହିଛି , ତେଣୁ ସମସ୍ତେ ଚାରାରୋପଣ କରିବା ଦରକାର ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର କିଶୋର ପ୍ରଧାନ, ବନରକ୍ଷୀ ମନୋରଞ୍ଜନ ନାୟକ, ପ୍ରକାଶ ସରକାର, ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ମିଶ୍ର, ଅର୍ଚ୍ଚନା ସାମନ୍ତ, ଶିକ୍ଷକ ରୋହିତ ନାଗ, କଳାକୃଷ୍ଣ ବିଶୋଇ, ରାଜେଶ ସମରଥ, ଚିନ୍ମୟ ପ୍ରଧାନ, ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତା କୃପାଦାସ ମହୁରିଆ, ହରିହର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

■ ନାତୁଣୀଙ୍କୁ ନେଇ ବିଧାୟକଙ୍କ ଦ୍ୱାରସ୍ଥ ହେଲେ ଆଈ

# ପାଠପଢ଼ା ବ୍ୟବସ୍ଥା କରିବାକୁ ନିବେଦନ

**ନବରଙ୍ଗପୁର,୧୯।୭(ବି.ପ୍ର.)**

ଜନ୍ମ ପୂର୍ବରୁ ଛାଡି ଚାଲି ଯାଇଥିଲେ ବାପା। ଜନ୍ମ ଦେଇ ମା' ମଧ୍ୟ ଅନ୍ୟତ୍ର ବିବାହ କରି ଚାଲିଗଲେ। ଏହାପରେ ଆଈଙ୍କ ପାଖରେ ରହି ବଢିଥିଲେ ରତୁମଣୀ। କିଛି ଦିନ ତଳେ ଆଈଙ୍କ ମୃତ୍ୟୁ ହୋଇ ଯିବା ପରେ ସେ ଏବେ ସାନ ଆଈ ବିଜୟନ୍ତୀଙ୍କ ପାଖରେ ରହୁଛନ୍ତି। ଅସହାୟ ସାନ ଆଈ ପିଲାଟିର ଭବିଷ୍ୟତକୁ ନେଇ ଚିନ୍ତାରେ। ଶୁକ୍ରବାର ବିଜୟନ୍ତୀ ରତୁମଣୀଙ୍କୁ ନେଇ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଭେଟିଛନ୍ତି। ରତୁମଣୀଙ୍କ ପାଠପଢା ବ୍ୟବସ୍ଥା କରନ୍ତୁ ବୋଲି ସେ ବିଧାୟକଙ୍କୁ ଅନୁରୋଧ କରିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର କେନାଲସାହିର ଜୀବ ବାଘ ସୁନୀତାଙ୍କୁ ବିବାହ କହିଥିଲେ । ସୁନୀତା ଗର୍ଭବତୀ ଥିବା ସମୟରେ ସ୍ତ୍ରୀଙ୍କୁ ଛାଡି ଜୀବ ଅନ୍ୟତ୍ର ବିବାହ କରି ଚାଲିଗଲେ। ସୁନୀତା ରୁତୁମଣୀଙ୍କୁ ଜନ୍ମ ଦେବା ପରେ ସେ ମଧ୍ୟ ଅନ୍ୟତ୍ର ବିବହ କରି ଚାଲିଯାଇଥିଲେ। ଆଈ ଧନୀ ନାଗ ରତୁମଣୀଙ୍କୁ ନେଇ ପାଖରେ ରଖିଥିଲେ। ପିଲାଟିକୁ ପାଳିବା ସହ ନିଜ ସାମର୍ଥ୍ୟ ମୁତାବକ ତାର ଦେଖାଶୁଣା କରୁଥିଲେ। ଏହାଛଡ଼ା ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢାଉ ଥିଲେ। ରତୁମଣୀ ଏବେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି। କିନ୍ତୁ ବୋଝ ଉପରେ ନଳିତା ବିଡା ଭଳି ଆଈ ଧନୀଙ୍କ ୩ ମାସ ତଳେ ମୃତ୍ୟୁ ହୋଇଯାଇଛି। ଏହାପରେ ସାନ ଆଈ ବିଜୟନ୍ତୀ ବେନିଆ ରତୁମଣୀଙ୍କୁ କୋଳାଇ ନେଇଛନ୍ତି। ସେ ଏବେ ସାନ ଆଈ ବିଜୟନ୍ତୀ ପାଖରେ ପାପଡାହାଣ୍ଡି ବ୍ଲକ ଖଲିଗୁଡା ଗାଁରେ ରହୁଛନ୍ତି। କିନ୍ତୁ ସେ ପିଲାଟିର ଭବିଷ୍ୟତ ଗଢିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ତାଙ୍କର ସ୍ୱାମୀ ନ ଥିବା ବେଳେ ସେ ନିସନ୍ତାନ। ଏକା ଚଳିବା କଷ୍ଟକର ହୋଇ ପଡିଥିବାବେଳେ ପିଲାଟିର ଭବିଷ୍ୟତ ଗଢିବା ମୋ ପକ୍ଷେ ଅସମ୍ଭବ ବୋଲି ବିଜୟନ୍ତୀ କହିଛନ୍ତି। ବିଜୟନ୍ତୀ ରୁତୁମଣୀଙ୍କୁ ନେଇ ଶୁକ୍ରବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଭେଟିଛନ୍ତି। କୌଣସି ସେବାଶ୍ରମରେ ରଖି ରୁତୁମଣୀଙ୍କ ପାଠ ପଢା ବ୍ୟବସ୍ଥା କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ରତୁମଣି ମାଝିଗୁଡାସ୍ଥିତ ଦିନଦୟାଲ କନ୍ୟାଶ୍ରମରେ ରହି ପାଠ ପଢିବେ, ଏନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ ରନ୍ଧାରୀ କହିଛନ୍ତି। ପ୍ରଶାସନ ଓ ବିଧାୟକ ସହାୟତାର ହାତ ବଢାନ୍ତୁ ବୋଲି ଦାବି ହୋଇଛି।


ସାନ ଆଈ ବୈଜୟନ୍ତୀଙ୍କ ସହ ରତୁମଣୀ।

## ନିଯୁକ୍ତି ମେଳା - ୨୦୧୯

ODISHA SKILL DEVELOPMENT AUTHORITY | National Career Service

**ତାରିଖ: ୨୪।୦୭।୨୦୧୯, (ସମୟ: ଦିବା ୦୯.୦୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ)**

**ସ୍ଥାନ: ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ସମ୍ବଲପୁର**

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (OSDA) ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ସମ୍ବଲପୁରଠାରେ ତା୨୪।୦୭।୨୦୧୯ରିଖ (ସମୟ ଦିବା ୦୯.୦୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ) ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଉକ୍ତ ନିଯୁକ୍ତି ମେଳାରେ ପାଠ୍ୟକ୍ରମ ଛାଡ଼ିଥିବା ସ୍କୁଲ ଏବଂ କଲେଜ (ଅଷ୍ଟମ ଶ୍ରେଣୀରୁ ସ୍ନାତକ) ଏବଂ ITI/DIPLOMA ପାସ୍ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ଯୋଗ ଦେଇ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ସଂସ୍ଥାରେ ଆବେଦନ ପତ୍ର ଦାଖଲ କରିପାରିବେ।

**ସବିଶେଷ ବିବରଣୀ ପାଇଁ Visit: ncs.gov.in**

## RAMA DEVI WOMEN'S UNIVERSITY
Vidya Vihar, Bhoinagar, Bhubaneswar-751022

### WALK-IN-INTERVIEW

A **walk-in interview** will be conducted on **29.07.2019 (Monday)** for the engagement of **One Project Coordinator, One Research Officer/ Statistician, One Field Investigator and One Typist with Computer Proficiency** under the research project ***'Workplace Gender Discrimination in Odisha: Mechanism to Arrest it'*** funded by the NCW, New Delhi to be conducted by the Dept. of Gender Studies of Rama Devi Women's University. Interested candidates are advised to visit University website **www.rdwuniversity.nic.in** for details on qualification and experience.

***Sd./- (Project Director)***

## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONVSKP 2019028, ତା.17.07.2019ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ଅବଧି ନିମନ୍ତେ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ)/ରାୟଗଡ଼ା ଏବଂ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ)/ବ୍ରିଜ୍/ରାୟଗଡ଼ାଙ୍କ ବ୍ୟବହାର ନିମନ୍ତେ 02 (ଦୁଇ) ଗୋଟି ଗାଡ଼ି (ନନ୍-ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 13.94 ଲକ୍ଷ, EMD (ଟଙ୍କାରେ) : 27,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.08.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)
PR-29/CC/19-20 ଭୁବନେଶ୍ୱର

## NOTICE
### IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 397 OF 2018

**IDBI Bank Limited, Puri Branch,** At/P.O: Puri, Dist.: Puri ..Applicant
-Versus-
**M/s. Jagannath Omfed Parlour and other** ...Defendants

To
1. **M/s. Jagannath Omfed Parlour,** At: Balagandi Chhaka, Balagandi, At/P.O.: Puri, Dist.: Puri-752001, represented through its Prop.: Mr. Prashanta Kumar Mohanty.
2. **Prasanta Kumar Mohanty,** Aged about 50 years, S/o- Netranandа Mohanty, At: Gangarama Nuasahi, Puri Municipality, Kumbharpada, Dist.: Puri-752001, Odisha.
3. **Rina Mohanty,** Aged about 43 years, W/o- Prasanta Kumar Mohanty, At: Gangarama Nuasahi, Puri Municipality, Kumbharpada, Dist.: Puri-752001, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 397 of 2018** in the Court of Debts Recovery Tribunal at Cuttack for a recovery of **Rs.12,36,098.98** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23rd day of Aug. 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **01st day of July 2019.**

**Sd/- Registrar, Debts Recovery Tribunal**



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୋରାପୁଟ,୧୯।୭(ସ୍ୱ.ପ୍ର.): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡ଼ାସ୍ଥିତ ସ୍ଥାୟୀ କ୍ୟାମ୍ପସରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ସଭାରେ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ନୂତନ ଛାତ୍ରୀଛାତ୍ରଙ୍କୁ ନିଷ୍ଠାର ସହ ପାଠପଢ଼ା କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଯୁଗ୍ମ ରେଜିଷ୍ଟ୍ରାର କେ.ଭି. ଉମାଶଙ୍କର, ସହକାରୀ ଡିନ ଛାତ୍ର କଲ୍ୟାଣ ଡ. ରାଜେନ୍ଦ୍ର ପରିହି, ବିଶ୍ୱବିଦ୍ୟାଳୟର ହଷ୍ଟେଲ ୱାର୍ଡେନ ଡ. କପତଲ ଖେମୁଣ୍ଡୁ ଯୋଗ ଦେଇଥିଲେ। ଜୈବ ବିବିଧତା ବିଭାଗର ସହକାରୀ ପ୍ରଫେସର କୋକିଳ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନା ଓ ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ଏଥିରେ ସହଯୋଗ କରିଥିଲେ ।

### ଗଣଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

ବୈପାରୀଗୁଡ଼ା,୧୯।୭(ଡି.ଏନ୍.ଏ.): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ସେମିଳିପଦର ପ୍ରାଥମିକ ବିଦ୍ୟାଳୟର ଗଣ ଶିକ୍ଷକ ଦେବେନ୍ଦ୍ର ଶିଶା (୩୫)ଙ୍କ ଅକାଳ ବିୟୋଗରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏହି ଅବସରରେ ସ୍ଥାନୀୟ ନୋଡାଲ ସ୍କୁଲ ପରିସରରେ ସଂଘ ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା । ଅମର ଆତ୍ମାର ସଦ୍‌ଗତି ପାଇଁ ଶାନ୍ତି ପ୍ରାର୍ଥନା କରାଯିବା ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରାଯାଇଥିଲା । ସଂଘ କର୍ମକର୍ତ୍ତା ଶରତ ରାଉତ, ଦେବୀ ପ୍ରସାଦ ମହାନ୍ତି, ଶ୍ରୀଧର ରାଓ, ସୁରେଶ ପାତ୍ର, ସୁରେନ୍ଦ୍ର ଖରା, ମନମୋହନ ମଲ୍ଲିକ, ଜୟକୃଷ୍ଣ ନାୟକ, ଦିପ୍ତି ରଞ୍ଜନ ଜେନା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଶିକ୍ଷକ ଜଣକ କିଛି ଦିନ ତଳୁ କିଡ୍‌ନି ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ପରିବାରରେ ସ୍ତ୍ରୀଙ୍କ ସମେତ ୩ ପିଲା ଅଛନ୍ତି।

### ଅନଶନ କରିବେ କେସିସି ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ

ଜୟପୁର,୧୯।୭(ନି.ପ୍ର.): ଦରମା ଓ ଅବସରକାଳୀନ ବକେୟା ଦାବିରେ ଆମରଣ ଅନଶନ କରିବେ କେସିସି ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଉମାକାନ୍ତ ରଥ । କେତେକ କର୍ମଚାରୀଙ୍କ ପ୍ରରୋଚନାରେ ଉଚ୍ଚପଦସ୍ଥ ଅଧିକାରୀ ଗ୍ରାଚ୍ୟୁଟି, ଛୁଟିର ଦରମା ଦେଉନାହାନ୍ତି। ଆସନ୍ତା ୨୩ ତାରିଖ କେସିସି ବ୍ୟାଙ୍କ ପରିସରରେ ପରିବାର ସହ ଉମାକାନ୍ତ ଅନଶନରେ ବସିବେ । ଯଦି ପରିବାର ଓ ତାଙ୍କର କିଛି ଘଟେ, ତେବେ ଉଚ୍ଚପଦସ୍ଥ ଅଧିକାରୀ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇ କେସିସି ବ୍ୟାଙ୍କ ସମ୍ପାଦକଙ୍କୁ ଚିଠି କରିଛନ୍ତି। ଏହାର ନକଲ କୋରାପୁଟ ଜିଲାପାଳ, ଏସ୍‌ପି, ଏସ୍‌ଡିପିଓ, ଟାଉନ ଥାନା ଅଧିକାରୀ, ଡିଆରସିଏସ୍‌ଙ୍କୁ ପଠାଇଛନ୍ତି।

■ ଜିଲାରେ ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷ

# ଯୁକ୍ତ ୨ରେ ଆହୁରି ୪୮୯୨ ସିଟ୍ ଖାଲି

କୋରାପୁଟ,୧୯।୭(ସ୍ୱ.ପ୍ର.)

■କଳାରେ ୧୪୭୨
■ବିଜ୍ଞାନରେ ୨୭୧୦
■ବାଣିଜ୍ୟରେ ୭୧୦

୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଯୁକ୍ତଦୁଇରେ ବର୍ତ୍ତମାନ ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷ ହୋଇଛି। ଏହା ସତ୍ତ୍ୱେ କୋରାପୁଟ ଜିଲାର ୪୭ଟି ସ୍କୁଲ ଓ କଲେଜରେ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୪୮୯୨ଟି ସିଟ ଖାଲି ପଡ଼ିଛି।

ସୂଚନା ଅନୁଯାୟୀ, କୋରାପୁଟ ଜିଲାରେ ଯୁକ୍ତଦୁଇ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୪୭ଟି ଶିକ୍ଷାନୁଷ୍ଠାନ ରହିଛି। ଏଥିରେ ଯୁକ୍ତ ଦୁଇ କଳାରେ ୫୫୫୬, ବିଜ୍ଞାନରେ ୪୪୫୦ ଓ ବାଣିଜ୍ୟରେ ୧୨୦୮ ସିଟ ରହିଛି। ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷ ହୋଇଥିବାବେଳେ ଉପରୋକ୍ତ ସିଟ୍ ମଧ୍ୟରୁ କଳାରେ ୧୪୭୨, ବିଜ୍ଞାନରେ ୨୭୧୦ ଓ ବାଣିଜ୍ୟରେ ୭୧୦ ସିଟ୍ ଖାଲି ପଡ଼ିଛି। କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟରେ କଳାରେ ୨୩, ବିଜ୍ଞାନରେ ୪୮ ଓ ବାଣିଜ୍ୟରେ ୩୧ ସିଟ୍ ଖାଲି ରହିଛି। କୋରାପୁଟ କନିଷ୍ଠ ମହିଳା ମହାବିଦ୍ୟାଳୟର କଳାରେ ୧୪, ବି.ଆର. ଆମ୍ବେଦକର ମହାବିଦ୍ୟାଳୟରେ କଳାରେ ୬୦, ଡୁମୁରିପୁଟ ମହାବୀର ମହାବିଦ୍ୟାଳୟରେ ବିଜ୍ଞାନରେ ୧୦୫, ଏଲିମ ମହାବିଦ୍ୟାଳୟରେ କଳାରେ ୨୭ ସିଟ୍ ଖାଲି ପଡ଼ିଛି। ସେହିପରି ନନ୍ଦପୁର ସିଦ୍ଧେଦେବୀ ମହାବିଦ୍ୟାଳୟର କଳାରେ ୯୭, ବିଜ୍ଞାନରେ ୧୦୧, ବାଣିଜ୍ୟରେ ସମସ୍ତ ୧୨୮ ସିଟ୍ ଖାଲି ରହିଛି। ନାରାୟଣପାଟଣା ରାଧାକୃଷ୍ଣ ମହାବିଦ୍ୟାଳୟର କଳାରେ ୮୬, ସୁନାବେଡ଼ା ଏରୋନଟିକ୍ସ ମହାବିଦ୍ୟାଳୟର କଳାରେ ୪୪, ବିଜ୍ଞାନରେ ୬୯ ଓ ବାଣିଜ୍ୟରେ ୮୯ ସିଟ୍ ଖାଲି ଅଛି। ସୁନାବେଡ଼ା ମହିଳା ମହାବିଦ୍ୟାଳୟର କଳାରେ ୩୯, ବିଜ୍ଞାନରେ ୯୬, ଜୟପୁରସ୍ଥିତ ବିକ୍ରମଦେବ ମହାବିଦ୍ୟାଳୟର କଳାରେ ୯, ବିଜ୍ଞାନରେ ୨୦, ବାଣିଜ୍ୟରେ ୧୫, ଜୟପୁର ମହିଳା ମହାବିଦ୍ୟାଳୟର କଳାରେ ୧୩ ଓ ବିଜ୍ଞାନରେ ୮୮ ସିଟ ଖାଲି ରହିଛି। ସେହିପରି ବୋରିଗୁମ୍ମାର ଭୈରବୀ ମହାବିଦ୍ୟାଳୟର ଯୁକ୍ତ ଦୁଇ କଳାରେ ୫୦, ବିଜ୍ଞାନରେ ୨୨୬, ବାଣିଜ୍ୟରେ ୧୨୨, ଲକ୍ଷ୍ମୀପୁର ମହାବିଦ୍ୟାଳୟର କଳାରେ ୬୯, ବିଜ୍ଞାନରେ ୨୨୦, ପଟ୍ଟାଙ୍ଗିର ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟର କଳାରେ ୭୧ ସିଟ୍ ଖାଲି ଅଛି। ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ମହାବିଦ୍ୟାଳୟର ବିଜ୍ଞାନରେ ୧୩୯, ବାଣିଜ୍ୟରେ ୧୦୪, ସେମିଳିଗୁଡ଼ାର ପୁଙ୍ଗାର ସ୍ଥିତ ଏକଲବ୍ୟ ଆଦର୍ଶ ମହାବିଦ୍ୟାଳୟର ବିଜ୍ଞାନରେ ୮ଟି ସିଟ ଖାଲି ପଡ଼ିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।




ଦାମନଯୋଡ଼ିସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଗୁରୁବାର ଆୟୋଜିତ ପ୍ରତିଷ୍ଠା ଦିବସରେ ଛୋଟ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।



ଜିଲାପାଳଙ୍କୁ ଭେଟି ଅଞ୍ଚଳର ସମସ୍ୟା ଜଣାଉଛନ୍ତି ପ୍ରେସ୍ କ୍ଲବର ସଦସ୍ୟମାନେ ।

■ ଜିଲାର ସମସ୍ୟା ଆଲୋଚନା କଲା ପ୍ରେସ୍ କ୍ଲବ

## ସମାଧାନ ପ୍ରତିଶ୍ରୁତି ଦେଲେ ଜିଲାପାଳ

କୋରାପୁଟ,୧୯।୭(ସ୍ୱ.ପ୍ର.)

କୋରାପୁଟ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ କୋରାପୁଟ ପ୍ରେସ କ୍ଲବ ଓ ଜିଲାପାଳଙ୍କ ମଧ୍ୟରେ ଆଲୋଚନା ହୋଇଛି। କୋରାପୁଟ ବାଇପାସ, ମେଡିକାଲ କଲେଜର ବିଭିନ୍ନ ସମସ୍ୟା, ସୀମାନ୍ତ କୋଟିଆ, କୋରାପୁଟ ପୌରସଂସ୍ଥା ମନଇଚ୍ଛା ଉଠା ଦୋକାନ ପକାଇବା ଯୋଗୁ ଉପୁଜୁଥିବା ଟ୍ରାଫିକ ସମସ୍ୟା, ଚିଣ ଉଠିଯାଇଥିବା କୋରାପୁଟ ଜିମ୍ନାସିୟମର ତୁରନ୍ତ ମରାମତି ବିଷୟରେ ପ୍ରେସ କ୍ଲବର ସଦସ୍ୟମାନେ ନୂତନ ଜିଲାପାଳ ଡ. ପୋମା ଟୁଡୁଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲାପାଳ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ଜିଲାର ସର୍ବାଙ୍ଗିନ ବିକାଶ ପାଇଁ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ପ୍ରେସ କ୍ଲବ ସଭାପତି ଭବାନି ଶଙ୍କର ମିଶ୍ର, ସମ୍ପାଦକ ଅମିତାଭ ବେହେରା, ଖବରଦାତା ଡି. ଶଙ୍କର ରାଓ, ସି.ଏଚ.ଟ୍. ସାନ୍ତାକାର, ବିଦ୍ୟାଧର ଚୌଧୁରୀ, ପ୍ରଶାନ୍ତ ସାମନ୍ତରାୟ, ଘନଶ୍ୟାମ ରଥ, ଟୁଟୁ ପଣ୍ଡା, ରଞ୍ଜନ ଦାସ, ପତିତପାବନ ସାମନ୍ତରାୟ, ଅରୁଣ ଦାସ ନୂତନ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ସମ୍ବର୍ଦ୍ଧନା ଜଣାଇଥିଲେ।

■ କୋଡ଼ିଙ୍ଗାମାଳି ପ୍ରଭାବିତଙ୍କ ସୁରକ୍ଷା, ବିକାଶ ଚିନ୍ତା

## ଗଠନ ହେଲା କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଉନ୍ନୟନ ସମିତି

ଲକ୍ଷ୍ମୀପୁର,୧୯।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁରଠାରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କ ଆହ୍ୱାନକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କୋଡ଼ିଙ୍ଗାମାଳି ପରିପାର୍ଶ୍ୱରେ ଥିବା ଦଶମନ୍ତପୁର ବ୍ଲକ, ରାୟଗଡ଼ା ଜିଲାର କାଶିପୁର ବ୍ଲକ, ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ । କୋଡ଼ିଙ୍ଗାମାଳିରେ ଓଡ଼ିଶା ମାଇନିଂ କର୍ପୋରେଶନ ତରଫରୁ ଖଣି ଖନନ କରାଯାଇ ବହୁମୂଲ୍ୟ କଞ୍ଚାମାଲ ଘରୋଇ କମ୍ପାନୀକୁ ସ୍ଥାନାନ୍ତର କରାଯାଉଛି। ବାହାର ଅଞ୍ଚଳର ଶ୍ରମିକ, କର୍ମଚାରୀ ଓ ଯାନବାହନ ମାଲିକମାନେ ଏହାର ସୁବିଧା ପାଉଛନ୍ତି । ଏଯାବତ କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବେକାରି ସମସ୍ୟା, ସ୍ଥାନୀୟ ନିଯୁକ୍ତି, ପାନୀୟଜଳ ଉପରେ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା ଯୋଗୁ ଏହାର ପ୍ରତିବାଦରେ 'କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଉନ୍ନୟନ ସମିତି' ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ କୈଳାସ ଚନ୍ଦ୍ର କୁଲେସିକା, ଉପସଭାପତି ଭାବେ ଜିତେନ୍ଦ୍ର ବିଶୋଇ, ରାଜୀବଲୋଚନ ବିଶୋଇ, କାଶିନାଥ ବିଶୋଇ, ବିନୋଦ ଖୋସ୍ଲା ଏବଂ ସମ୍ପାଦକ ଭାବେ ପ୍ରଭାତ ଡାକୁଆ, ଆଇନ ଉପଦେଷ୍ଟା ଭାବେ ଆଇନଜୀବୀ ସତ୍ୟନାରାୟଣ ଖରାଙ୍କୁ ଚୟନ କରାଯାଇଛି। ଏହି କମିଟି ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ସଂଗ୍ରାମ ଚାଲୁ ରଖିବ।

# ଅତିଥି ଅଧ୍ୟାପକ ଚୟନରେ ଫିକ୍ସିଂ

ଜୟପୁର,୧୯।୭(ଡି.ଏନ୍.ଏ./ନି.ପ୍ର.)

**ଉପଜିଲାପାଳଙ୍କୁ ଦାବିପତ୍ର**

ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗ ପାଇଁ ଅତିଥି ଅଧ୍ୟାପକ ଚୟନରେ ଫିକ୍ସିଂ ହୋଇଛି। ଜୟପୁର ଉପଜିଲାପାଳଙ୍କ ଜରିଆରେ ଏଭଳି ଅଭିଯୋଗପତ୍ର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗର ଅତିଥି ଅଧ୍ୟାପକ ପ୍ରାର୍ଥୀ ଭାବେ ଏହି ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା କିରଣ କୁମାର ମିଶ୍ର ଏଭଳି ଅଭିଯୋଗ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ୟୁଜିସି ଅଧ୍ୟକ୍ଷ, ଜିଲାପାଳଙ୍କୁ ମଧ୍ୟ ଚିଠି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ଜୁନ ୨୦ରେ ସାକ୍ଷାତକାର ସହ କେତେକ ଅତିଥି ଅଧ୍ୟାପକ ଚୟନ କରାଯାଇଥିଲା । କିନ୍ତୁ ଚୟନ ପ୍ରକ୍ରିୟାରେ ପାତର ଅନ୍ତର ସହ କେତେକ ପ୍ରାର୍ଥୀଙ୍କୁ ବିନା ସାକ୍ଷାତକାରରେ ଚୟନ କରାଯାଇଛି। ଚୟନକର୍ତ୍ତା ଥିବା ପାଠ୍ୟକ୍ରମ ମୁଖ୍ୟ ଅଭିଜ୍ଞତା ନ ଥିବା ଜଣେ ମହିଳା ପ୍ରାର୍ଥୀଙ୍କୁ ବିନା ସାକ୍ଷାତକାରରେ ଚୟନ କରିଛନ୍ତି। ସେହିପରି ଅନଭିଜ୍ଞ ଅଧ୍ୟାପକ ନିଯୁକ୍ତ କରାଯାଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଯାଉଛି। ଏହାର ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ପତ୍ରରେ ଦାବି କରାଯାଇଛି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ରଚନା ଆଚାର୍ଯ୍ୟ କହିଛନ୍ତି, ସରକାରୀ ନିର୍ଦ୍ଦେଶ ଅନୁଯାୟୀ ବିଜ୍ଞାପନ ପ୍ରକାଶ କରାଯିବା ସହ ନିୟମ ଅନୁଯାୟୀ ସାକ୍ଷାତକାର ହୋଇଛି। ଆବଶ୍ୟକ ପ୍ରାର୍ଥୀ ଚୟନ ହୋଇ ନଥିବା ଯୋଗୁ ପୁଣି ଆସନ୍ତା ଶନିବାର ଏକ ସାକ୍ଷାତକାର କରାଯିବ। ପ୍ରାର୍ଥୀମାନେ ସାକ୍ଷାତକାରରେ ବିଫଳ ହେବା ପରେ ଏପରି ଅଭିଯୋଗ କରିବା ସ୍ୱାଭାବିକ।



ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ।

## ସ୍ୱାଧାର ଗୃହରୁ ନାବାଳିକା ଫେରାର ଥାନାରେ ଏତଲା

କୋରାପୁଟ,୧୯।୭(ସ୍ୱ.ପ୍ର.)

କୋରାପୁଟ ସହରର ଉପକଣ୍ଠରେ ଥିବା ସ୍ୱାଧାର ଗୃହ ଉଜାଲାରୁ ଶୁକ୍ରବାର ଜଣେ ନାବାଳିକା ଫେରାର ହୋଇଯାଇଛନ୍ତି। ଏନେଇ ସ୍ଥାନୀୟ ଟାଉନ ଥାନାରେ ମାମଲା ରୁଜୁ ହୋଇଛି । କୋରାପୁଟ ଟାଉନ ଥାନାରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ ତିନିମାସ ତଳେ ନାବାଳିକା ଜଣକ କୋଟପାଡ଼ ଅଞ୍ଚଳରୁ ଉଦ୍ଧାର ହୋଇଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ପରାମର୍ଶ କ୍ରମେ କୋରାପୁଟ ବାଟମଙ୍ଗଳା ନିକଟ ସ୍ୱାଧାର ଗୃହରେ ତାଙ୍କୁ ରଖାଯାଇଥିଲା । ତେବେ ଶୁକ୍ରବାର ନାବାଳିକା ଜଣକ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ଏନେଇ କୋରାପୁଟ ଟାଉନ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସବ ଇନ୍ସପେକ୍ଟର ନିରଞ୍ଜନ ବେହେରା ପ୍ରକାଶ କରିଛନ୍ତି।

## ଗଞ୍ଜେଇ ବ୍ୟବସାୟୀ ଜେଲ ଗଲେ

ବ୍ରହ୍ମପୁର ଅଫିସ,୧୯।୭

ବଡବଜାର ଥାନା ଅଧୀନ ଷଣ୍ଢମହାନ୍ତି ସାହିର ଜଳନ୍ଧର ସାହୁଙ୍କ ଘରୁ ପୋଲିସ ଗୁରୁବାର ୧୩. ୪୮୦ କେଜି ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ବ୍ୟବସାୟ ଅଭିଯୋଗରେ ଜଳନ୍ଧରଙ୍କୁ ମାମଲା ନଂ.୧୧୭/୧୯ ଅନୁସାରେ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଜଳନ୍ଧରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଷଣ୍ଢମହାନ୍ତି ସାହିରେ ଗଞ୍ଜେଇ କାରବାର ଚାଲିଥିବା ନେଇ ସୂଚନା ମିଳିବା ପରେ ବଡବଜାର ପୋଲିସ ଗୁରୁବାର ସେଠାରେ ଚଢଉ କରିଥିଲା।

■ ବିଭିନ୍ନ ଦାବି ରଖିଲେ ବୁଡ଼ି ଅଞ୍ଚଳବାସୀ

# ୨୬ ଅଗଷ୍ଟରୁ ପୁଣି ଆନ୍ଦୋଳନ

କୋରାପୁଟ,୧୯।୭(ସ୍ୱ.ପ୍ର.)

କୋରାପୁଟ ଜିଲା ନନ୍ଦପୁର ବ୍ଲକର ବୁଡି ଅଞ୍ଚଳ ଅନ୍ତର୍ଗତ ୮ଟି ପଞ୍ଚାୟତବାସୀ ବିଭିନ୍ନ ଦାବି ନେଇ ଅଗଷ୍ଟ ୨୬ରୁ ପୁଣି ଆନ୍ଦୋଳନ କରିବେ। ଏନେଇ ଶୁକ୍ରବାର ବୁଡି ଅଞ୍ଚଳ ଲୋକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ପତ୍ର ଦ୍ୱାରା ଜଣାଇ ଦିଆଯାଇଛି। ନନ୍ଦପୁର ବ୍ଲକର ପାନ୍ତଲୁଙ୍ଗ, ଗୋଲୁର, କୁଲାରସିଂ, ବଡପଡ଼, କୁଲାବିର, ପାଡୁଆ, ବିଲାପୁଟ, ଅତଣ୍ଡା ପଞ୍ଚାୟତ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ଦ୍ୱାରା ଅବହେଳାର ଶିକାର ହେଇଆସୁଛନ୍ତି। ୨୦୧୮ ଡିସେମ୍ବର ୨୬ରେ ଏନେଇ କୋରାପୁଟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଯାବତ୍ ସେମାନଙ୍କ ଦାବି ସମାଧାନ ହୋଇ ନଥିବା ଦର୍ଶାଇ ଏହି ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ପତ୍ର ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୮ଟି ପଞ୍ଚାୟତର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ ବ୍ୟବସ୍ଥା, ମାଗଣା ବିଦ୍ୟୁତ, ପ୍ରକଳ୍ପରେ ନିଯୁକ୍ତି ବ୍ୟବସ୍ଥା, ଅଞ୍ଚଳରେ ମହାବିଦ୍ୟାଳୟ ପ୍ରତିଷ୍ଠା, ଚିକିତ୍ସାଳୟ ବ୍ୟବସ୍ଥା, ପାଇପ ଜଳ ଯୋଗାଣ, କୃଷି ଉଠା ଜଳସେଚନ ସୁବିଧା, ନଦୀବନ୍ଧ ଯୋଜନା ଅଧୀନରେ ବାସଗୃହ ଏବଂ ଗମନାଗମନ ବ୍ୟବସ୍ଥା ଦାବି ନେଇ ବୁଡିଅଞ୍ଚଳ ଲୋକ ସଂଗଠନର ସଭାପତି ସେମାନାଥ ଖିଲ ଶୁକ୍ରବାର ଜିଲାପାଳଙ୍କୁ ଏହି ଦାବିପତ୍ର ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ବୁଡ଼ି ଅଞ୍ଚଳବାସୀ ।

■ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା

# ଶିକ୍ଷକ ମହଲରେ ପଶିଲାଣି ଛନକା

ବୈପାରୀଗୁଡ଼ା,୧୯।୭(ଡି.ଏନ୍.ଏ.)

ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବ୍ଲକରେ ୨୦୧୧ ପରଠାରୁ ନିଯୁକ୍ତ କନିଷ୍ଠ ଶିକ୍ଷକ, କନିଷ୍ଠ ଶିକ୍ଷକ (କଣ୍ଟ୍ରାକଚୁଆଲ), ଭାଷା ଶିକ୍ଷକ, ଗଣ ଶିକ୍ଷକ ଓ ଲେଭ୍‌ଲ-୫ ଏକ୍ସ କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଚାଲିଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗତ ୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ପରେ ଶିକ୍ଷକ ମହଲରେ ଛନକା ପଶିଛି। ଯାଞ୍ଚ ବେଳେ ଅନେକ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ବିଶେଷ କରି ତାଲିମ୍ ସଂପର୍କିତ ଯୋଗ୍ୟତା ପ୍ରମାଣପତ୍ର ବାହାର ରାଜ୍ୟ ଯଥା- ଆନ୍ଧ୍ର, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ରରୁ ଆସିଥିବା ବେଳେ ସେଗୁଡ଼ିକର ବୈଧତାକୁ ନେଇ ଚର୍ଚ୍ଚା ହୋଇଛି । କେତେକ ଶିକ୍ଷକ ଜାଲ ପ୍ରମାଣ ପତ୍ର ଧରାପଡ଼ିବା ଭୟରେ ଏସବୁ ପ୍ରମାଣପତ୍ର ଦାଖଲ କରିବାକୁ ଆସୁ ନଥିବା ଅଥବା ଚାକିରି ଛାଡ଼ିବାକୁ ଯୋଜନା କରିବା ନେଇ ମଧ୍ୟ ଆଲୋଚନା ହେଉଛି ।

ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ତଳୁ ଶିକ୍ଷକ ନିଯୁକ୍ତି ଜିଲା ଭିତ୍ତିରେ କରିବା ପରିବର୍ତ୍ତେ ରାଜ୍ୟ ଭିତ୍ତିରେ କରାଯାଉଛି । ଶିକ୍ଷକ ନିଯୁକ୍ତି ବେଳେ ତାଲିମ ଯୋଗ୍ୟତା ବାଧ୍ୟତାମୂଳକ ଥିବାବେଳେ ଅବିଭକ୍ତ କୋରାପୁଟରେ ସୀମିତ ସଂଖ୍ୟକ ସରକାରୀ ତାଲିମ ଅନୁଷ୍ଠାନ ରହିଛି। କିନ୍ତୁ ଜିଲା ବାହାରୁ ଆସି ଏଠାରେ ଶିକ୍ଷକତା କରୁଥିବା ଅନେକ ପ୍ରାର୍ଥୀ ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନରେ ଆନୁଷ୍ଠାନିକ ପାଠ ନ ପଢ଼ି ରାଜ୍ୟ ବାହାର ୟୁନିଭର୍ସିଟିରୁ ଶିକ୍ଷାଗତ ପ୍ରମାଣପତ୍ର ହାତେଇଛନ୍ତି। ଏଭଳି ଅଯୋଗ୍ୟ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ହେଉଥିବାରୁ ଶିକ୍ଷାର ଗୁଣାତ୍ମକ ମାନ ଖସୁଛି। ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଏପରିକି ମୃତ ବ୍ୟକ୍ତିଙ୍କ ନାମରେ ଥିବା ଯୋଗ୍ୟତା ପ୍ରମାଣପତ୍ରକୁ ନେଇ ଅନେକ ନିଜ ନାମକୁ ବଦଳାଇ ଶିକ୍ଷକତା କରୁଥିବା ଅଭିଯୋଗ ହେଉଛି। ବାହାର ରାଜ୍ୟରୁ ଆସିଥିବା ପ୍ରମାଣପତ୍ର କଡ଼ାକଡ଼ି ଯାଞ୍ଚ କରାଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ ପ୍ରକାଶ କରିଛନ୍ତି।

### ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ

ପଟ୍ଟାଙ୍ଗି,୧୯।୭(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ଦୁଇଦିନ ହେଲା ଚାଲିଛି। ଏହାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହଲରେ ଛନକା ପଶିଯାଇଛି। ଜିଲା ପ୍ରଶାସନର ଚିଠି ନଂ ୧୮୧୭/୧୨/୦୭/୧୯ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଚିଠି ନଂ ୧୪୪୫/୧୭/୦୭/୧୯ ଅନୁଯାୟୀ ୨୦୧୧ ଜାନୁଆରୀ ୧ ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ, କନିଷ୍ଠ ଶିକ୍ଷକ ଓ ଜିଲା ପରିଷଦ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଗତ ୧୭ ତାରିଖରୁ ଏହି ପ୍ରକ୍ରିୟା ଚାଲିଛି। କାର୍ଯ୍ୟାଳୟର ସିଆରସିସି ସ୍ୱପ୍ନେଶ୍ୱର ଦାଶ, ନବୀନ ଚନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ପରିଡ଼ା ଓ ଆଭାରାଣୀ ଦାଶ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ୫୩ ଚୁକ୍ତିଭିତ୍ତିକ, ୮୩ କନିଷ୍ଠ ଶିକ୍ଷକ ଓ ୩୦ ଜିଲା ପରିଷଦ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯାଉଛି।



## ସଂକ୍ଷେପରେ

### ସଫଳ ତଦନ୍ତ ପାଇଁ ରାଜ୍ୟ ସ୍ତରରେ ଆଇଆଇସି ପୁରସ୍କୃତ

**ମାଲକାନଗିରି,୧୯।୭(ଡି.ଏନ.ଏ.)-** ରାଜ୍ୟରେ କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ୪୦ ଜଣ ତଦନ୍ତକାରୀ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନଙ୍କ ମଧରେ ମାଲକାନଗିରି ଥାନା ଆଇଆଇସି ରଞ୍ଜନ କୁମାର ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। ବଳାତ୍କାର, ହତ୍ୟା, ଜଘନ୍ୟ ଅପରାଧୀମାନଙ୍କ ମାମଲାର ଠିକ୍ ତଦନ୍ତ କରିଥିବାରୁ ସମ୍ପୃକ୍ତ ମାମଲାର ଅପରାଧୀମାନେ ନ୍ୟାୟାଳୟରେ ଦଣ୍ଡିତ ହୋଇଛନ୍ତି। ଗତ ୭ ମାସ ତଳେ ଏମ୍.ଭି.- ୨୩ ଗ୍ରାମରେ ଜଣେ ମହିଳା ନିଜ ୫ ବର୍ଷର ଝିଅକୁ ହତ୍ୟା କରି ମୃତଦେହକୁ ଲୁଚାଇ ରଖି ଶିଶୁ କନ୍ୟା ନିଖୋଜ ହୋଇଥିବା ପ୍ରଚାର କରି ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ଆଇଆଇସି ସାହୁ ଏହାର ତଦନ୍ତ କରି ତା’ ପରଦିନ ଉକ୍ତ ଶିଶୁକନ୍ୟାର ମୃତଦେହ ପୋଖରୀରେ ଭାସୁଥିବା ଜାଣିବାକୁ ପାଇଥିଲେ। ମାମଲାର ଅଭିଯୁକ୍ତ ରୂପେ ସେ ଶୋଭା ମଣ୍ଡଳ ନାମ୍ନୀ ମହିଳା ବୋଲି ନ୍ୟାୟାଳୟଙ୍କୁ ଅବଗତ କରାଇଥିଲେ। ମାମଲାର ବିଚାର କରି ସମ୍ପୃକ୍ତ ମହିଳାଙ୍କୁ ନ୍ୟାୟାଳୟ ଆଜୀବନ କାରାଦଣ୍ଡ ଆଦେଶ ଶୁଣାଇଥିଲେ ।

### ଶହୀଦ ସ୍ତମ୍ଭ ଭାଙ୍ଗିଲେ ଯବାନ,୫ ମାଓବାଦୀ ଗିରଫ

**ମାଲକାନଗିରି,୧୯।୭ (ସ୍ୱ.ପ୍ର.)-** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲ୍ଲା କରାଣ୍ଡୁଲ ଥାନା ଅନ୍ତର୍ଗତ ହେରୋଲି ଜଙ୍ଗଲରୁ ଶୁକ୍ରବାର ଯବାନମାନେ ୫ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେଠାରେ ସାଥୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ଶହୀଦ ସ୍ତମ୍ଭକୁ ଯବାନମାନେ ଭାଙ୍ଗି ଦେଇଥିବା ବସ୍ତର ଆଇଜି ବିବେକାନନ୍ଦ ସିହ୍ନା କହିଛନ୍ତି। ଏହି ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ସୂଚନା ପାଇ ଯବାନ ଚଢ଼ାଉ କରିଥିଲେ। ଗିରଫ ୫ ମାଓବାଦୀ ଜନମିଲିସିଆ ସଙ୍ଗଠନର ସଦସ୍ୟ ଥିବା ଜଣାପଡିଛି।

### ଜିଲ୍ଲାକୁ ରେଳ ଚଳାଚଳ ପ୍ରସଙ୍ଗ ଉଠାଇଲେ ଏମ୍‌ପି

**ମାଲକାନଗିରି/ଖଇରପୁଟ,୧୯।୭(ସ୍ୱ.ପ୍ର./ଡି.ଏନ.ଏ.)-** ମାଲକାନଗିରି ଜିଲାରେ ରେଳ ସଂଯୋଗ ଏଯାଏ ହୋଇନାହିଁ। ଆଦିବାସୀ ଅଧୁଷିତ ଏହି ଜିଲାରେ ରେଳ ଚଳାଚଳ ଲାଗି ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନବରଙ୍ଗପୁର ଏମପି ରମେଶ ମାଝି ପାର୍ଲାମେଣ୍ଟରେ ଶୂନ୍ୟକାଳରେ ଦାବି କରିଛନ୍ତି। ନବରଙ୍ଗପୁର ଓ ମାଲକାନଗିରିକୁ ରେଳ ସଂଯୋଗ ପାଇଁ ସେ ଦାବି ଉଠାଇ ଏହି ୨ ଜିଲାକୁ କେବେ ରେଳପଥ ଯୋଡି ହେବ ବୋଲି ପ୍ରଶ୍ନ ଉଠାଇଥିଲେ। ଏଥିପାଇଁ ଓଡ଼ିଶା ସରକାର ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ।

■ ୩୩୨ ମିଟର ଆପ୍ରୋଚ ରୋଡ ନିର୍ମାଣ କଲାନି ପ୍ରଶାସନ

# ଗ୍ରାମବାସୀ ତିଆରି କଲେ ରାସ୍ତା

**ମାଲକାନଗିରି,୧୯।୭(ଡି.ଏନ.ଏ)**


ଗ୍ରାମବାସୀ ତିଆରି କରିଥିବା ଆପ୍ରୋଚ ରୋଡ ।

**ରାଞ୍ଚି-ବିଜୟୱାଡା କରିଡର**
- ■ ବ୍ଲକ ଅଧକ୍ଷଙ୍କ ସହ ଗ୍ରାମବାସୀଙ୍କ ଦାବି ଶୁଣିଲାନି ପ୍ରଶାସନ
- ■ ସାବେରୀ ନଦୀରେ ଡଙ୍ଗାରେ ଯାତାୟାତ କରୁଛନ୍ତି
- ■ ଯନ୍ତ୍ରୀ କହିଲେ ଟେଣ୍ଡର ଡକାଯାଇଛି

ସିଲେରୁ ନଦୀ ଉପରେ ଆନ୍ଧ୍ର ସରକାର ରାଞ୍ଚି-ବିଜୟୱାଡା କରିଡର ପାଇଁ ପୋଲ ନିର୍ମାଣ କରଛି। ଓଡ଼ିଶା ସରକାର ମାତ୍ର ୩୩୨ ମିଟର ଆପ୍ରୋଚ ରୋଡ଼ ନିର୍ମାଣ କରିଥିଲେ ଅଞ୍ଚଳବାସୀ ଉପକୃତ ହୋଇଥାନ୍ତେ। ସରକାର ଏ ଦିଗରେ ବିଫଳ ହେବାରୁ ଏବେ ସ୍ଥାନୀୟ ଅଧିବାସୀ ଏହି ରାସ୍ତା ନିର୍ମାଣ କରିଛନ୍ତି। ଗତ ୫ରେ କାଲିମେଳା ବ୍ଲକ ଅଧକ୍ଷ ମାଲା ମାଡିଙ୍କ ନେତୃତ୍ୱରେ ମହେଶ ଖାନ, ମହମ୍ମଦ ଆଜାର, କତାଗୁଡ଼ମ ୱାର୍ଡମେମ୍ବର କାରମ ଜଗା, ମୁଡୁମ ଲାଛାଙ୍କ ସମେତ କେତେକ ଗ୍ରାମବାସୀ ଏହି ଆପ୍ରୋଚ ରୋଡ଼ ଶୀଘ୍ର ନିର୍ମାଣ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ଏହା ସତ୍ତ୍ୱେ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ବାଧ ହୋଇ ଗ୍ରାମବାସୀ ଏହି ପନ୍ଥା ଆପଣେଇଛନ୍ତି। ମୋଟୁ ଅଞ୍ଚଳର ମାସୁମ ଖାନ, ମହମ୍ମଦ ଜାମାଲ ଖାନଙ୍କ ସମେତ ବହୁ ଗ୍ରାମବାସୀ ଜେସିବି ମେଶିନ ଓ ଟ୍ରାକ୍ଟର ଲଗାଇ ରାସ୍ତା ତିଆରି କରୁଛନ୍ତି । ମାଲାକନଗିରି ଜିଲାର କାଲିମେଳା, ପଡ଼ିଆ ସମେତ ବିଭିନ୍ନ ଗ୍ରାମର ଲୋକେ ବ୍ୟବସାୟ,ସ୍ୱାସ୍ଥ୍ୟସେବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଛତିଶଗଡ଼ର କୋଣ୍ଟା ଓ ଆନ୍ଧ୍ର ପ୍ରଦେଶର ଭଦ୍ରାଚଳମ ଉପରେ ନିର୍ଭର କରନ୍ତି। ତେଣୁ ସେମାନେ ସାବେରୀ ନଦୀରେ ଅତି ବିପଦସଙ୍କୁଳ ଅବସ୍ଥାରେ ଦେଶୀ ଡଙ୍ଗା ଓ ମୋଟରଚାଳିତ ଡଙ୍ଗାରେ ଯାତାୟାତ କରନ୍ତି। ଆନ୍ଧ୍ର ସରକାର ତାଙ୍କ ପଟେ ସିଲେରୁ ନଦୀରେ ଏକ ପୋଲି ନିର୍ମାଣ କରିଛନ୍ତି। ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଓଡ଼ିଶା ସରକାର ନିଜ ପାର୍ଶ୍ୱର ଆପ୍ରୋଚ ରୋଡ ତିଆରି କରୁନାହାନ୍ତି। ଫଳରେ ଏହି ପୋଲ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଏଥିଯୋଗୁ ମଧ ବିଜୟୱାଡ଼ା -ରାଂଚି କରିଡର ଅସମ୍ପୂର୍ଣ୍ଣ ହୋଇରହିଛି । ଏ ସମ୍ପର୍କରେ ଜାତୀୟ ରାଜପଥର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ନିର୍ବାଚନ ଯୋଗୁ ଟେଣ୍ଡର ଡକାଯାଇପାରି ନ ଥିଲା । ବର୍ତ୍ତମାନ ଟେଣ୍ଡର ଡକାଯାଇଛି। ଏଥିପାଇଁ ୧ କୋଟି ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ୩ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସାହୁ କହିଥିଲେ।




■ ଶିକ୍ଷା ସଚେତନତା ଶିବିର

## ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା ନେଇ ଗୁରୁତ୍ୱାରୋପ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ ।

**ମାଲକାନଗିରି,୧୯।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ସେରପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଦଶରଥ ଡୁରୁକାଙ୍କ ଅଧକ୍ଷତାରେ ଏକ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅଶୋଭ ରଞ୍ଜନ ମାଳୀ, ଶିକ୍ଷାବିତ୍ ବିଜୟ କୁମାର ଦାସ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଧାରାମ ଦାସ, ଅମ୍ରିତଲାଲ ସରକାର ଉପସ୍ଥିତ ଥିଲେ। ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷାଦାନ, ପରିଚାଳନା କମିଟି କାର୍ଯ୍ୟ ଓ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ନିଜ ନିଜ ଗ୍ରାମର ବିଦ୍ୟାଳୟ ସମ୍ପର୍କରେ ସେମାନଙ୍କ ମତ ରଖିଥିଲେ। ଆଗାମୀ ଦିନରେ ବିଦ୍ୟାଳୟଗୁଡିକରେ ଉପଯୁକ୍ତ ଶିକ୍ଷାଦାନ ଲାଗି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ସମୟରେ ବିଦ୍ୟାଳୟ ଆସିବା, ମଧାହ୍ନଭୋଜନ ଏବଂ ଦୁର୍ବଳ ଛାତ୍ରୀଛାତ୍ରୀଙ୍କ ପାଇଁ ଅଧିକ ସମୟ ଶିକ୍ଷାଦାନ ନେଇ ଆଲୋଚନା କରାଯାଇଥିଲା। କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ସମୟରେ ବିଦ୍ୟାଳୟରେ ନ ପହଞ୍ଚିଲେ କିମ୍ବା ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ରହିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ଏବଂ ସମସ୍ତ ୱାର୍ଡମେମ୍ବର ପ୍ରସ୍ତାବ ଦେଇଥିଲେ । ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀ ନିଜର କର୍ତ୍ତବ୍ୟ ଠିକ୍ ରୂପେ ପାଳନ କରିବେ ବୋଲି ପ୍ରକାଶ କରିବା ସହ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଠିକ୍ ସମୟରେ ବିଦ୍ୟାଳୟ ପଠାଇବା ପାଇଁ ପରାମର୍ଶ ଦେଇଥିଲେ।

■ ଆଇଆଇଟି ପାଇଁ ଅର୍ଥ ସାଜିଥିଲା ବାଧକ

## ଜିଲା ଆଇନ ସେବା ପ୍ରାଧିକରଣ କଲେ ସହଯୋଗ

**ମାଲକାନଗିରି,୧୯।୭(ଡି.ଏନ.ଏ.)**


ଜିଲା ଆଇନସେବା ପ୍ରାଧିକରଣ ଅଧିକାରୀଙ୍କ ନିକଟରେ ତୁଳସୀରାମ ।

ମାଲକାନଗିରି ଜିଲା ସଦର ବ୍ଲକ ତଣ୍ଡିକି ପଞ୍ଚାୟତ ଅନ୍ତର୍ଗତ ବୁରୁଦି ଗ୍ରାମର ଆଦିବାସୀ କୋୟା ସମ୍ପ୍ରଦାୟର ଜଣେ ଛାତ୍ର ଆଇ.ଆଇ.ଟିରେ ପଢିବାର ସୁଯୋଗ ମିଳିବା ପରେ ଆଡିମିଶନ ପାଇଁ ଅର୍ଥ ବାଧକ ସାଜିଥିଲା। ଏନେଇ ଜିଲା ଆଇନ ସେବା ପ୍ରାଧିକରଣ ଜାଣିବା ପରେ ସହାୟତାର ହାତ ବଢ଼ାଇଛନ୍ତି। ଫଳରେ ଛାତ୍ର ଜଣକ ପଢ଼ିବାର ସୁଯୋଗ ପାଇଛନ୍ତି। ଖବରରୁ ଜଣାପଡିଛି ବୁରୁଦି ଗ୍ରାମର ସୁନୀଲ ମାଡ଼କାମିଙ୍କ ପୁଅ ତୁଳସୀରାମ ମାଡ଼କାମି। ମୂଲ ମଜୁରି ଲାଗି ବହୁ ଅଭାବ ଅନଟନ ଭିତରେ ସୁନୀଲ ପୁଅକୁ ପାଠ ପଢାଉଥିଲେ। ମାଲକାନଗିରି ଆଦର୍ଶ ଡିଗ୍ରୀ କଲେଜରେ ତୁଳସୀରାମ ଶତକଡ଼ା ୮୭ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ଆଇଆଇଟିରେ ପଦାର୍ଥ ବିଜ୍ଞାନର ସ୍ନାତକୋତ୍ତର ପାଇଁ ପ୍ରବେଶିକା ପରୀକ୍ଷା ଦେଇ ସଫଳ ହୋଇଥିଲେ । ସେଠାରେ ପାଠ ପଢ଼ିବା ପାଇଁ ତାଙ୍କ ପାଖକୁ ଖବର ଆସିଥିଲା । ତେବେ ସେଠାରେ ଆଡମିଶନ କରି ପଢ଼ିବା ପାଇଁ ୪୮ହଜାର ୬୭ ଟଙ୍କା ଆବଶ୍ୟକ ପଡିଥିଲା। ଏତେ ଟଙ୍କା ଯୋଗାଡ଼ କରିବାକୁ ସୁନୀଲଙ୍କ ସାମର୍ଥ୍ୟ ନ ଥିଲା । ଏ ବିଷୟରେ ମାଲକାନଗିରିର କେତେ ଜଣ ସହୃଦୟ ବ୍ୟକ୍ତି ଜାଣିବାକୁ ପାଇ ୪୨ ହଜାର ଟଙ୍କା ଯୋଗାଡ଼ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ନାୟକ ଓ ପାରା ଲିଗାଲ ଅଧକ୍ଷ ରଞ୍ଜନ କୁମାର ସ୍ୱାଇଁ ଜାଣିବା ପରେ ସୁନୀଲ ଓ ତୁଳସୀରାମଙ୍କୁ ଡାକିଥିଲେ। ତାଙ୍କଠାରୁ ସମସ୍ତ ବିଷୟ ଜାଣିବା ପରେ ଆବଶ୍ୟକ ଥିବା ୪୮ହଜାର ୬୭ ଟଙ୍କା ପ୍ରାଧିକରଣ ପକ୍ଷରୁ ପ୍ରଦାନ କରିଥିଲେ। ସୁନୀଲ ଏନେଇ ପ୍ରାଧିକରଣ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଡ୍ରେନ ପାର୍ଶ୍ୱରୁ ଏନଏସି ଉଠାଉନି ଅଳିଆ

**କୋରୁକୋଣ୍ଡା, ୧୯।୭, ( ଡି.ଏନ.ଏ.)**

କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଯୋଜନା ଉପରେ ବିଷଶଷ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ମାଲାକନଗିରି ଜିଲା ବାଲିମେଳା ଏନଏସି ପକ୍ଷରୁ ଏହି ଯୋଜନାକୁ ବିଶେଷ ଗୁରୁତ୍ୱ ମିଳୁନି। ଏନଏସି ନିକଟରେ ଡ୍ରେନ ସଫେଇ କାର୍ଯ୍ୟ କରିଥିଲା। ସେହି ସମୟରେ ଡ୍ରେନରୁ ଅଳିଆ ଆବର୍ଜନା କାଢି ଡ୍ରେନ ପାର୍ଶ୍ୱରେ ଗଦା କରାଯାଇଥିଲା। ପରେ ସେହି ଆବର୍ଜନାକୁ ସେଠାରୁ ନ କାଢି ଏପର୍ଯ୍ୟନ୍ତ ଦୀର୍ଘ ଦେ ମାସ ହେଲା ପକାଇ ରଖିଛି। ଏଥିଯୋଗୁ ଡ୍ରେନରେ ମଶା, ମାଛି ଏବଂ ଛୋଟ ଛୋଟ ପୋକଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ଏହା ସହରବାସୀଙ୍କୁ ଅତିଷ୍ଠ କରୁଛି। ତୁରନ୍ତ ଏହି ଅଳିଆ ଆବର୍ଜନ ଡ୍ରେନ ପାର୍ଶ୍ୱରୁ ହଟାଇବା ଲାଗି ସାଧାରଣରେ ଦାବି ହେଉଛି।

## ରାସ୍ତା ନାହିଁ, ଖଟିଆରେ ବୁହା ହେଲେ ଗର୍ଭବତୀ


ଗର୍ଭବତୀଙ୍କୁ ଭାରରେ ବୋହି ନେଉଛନ୍ତି ଗ୍ରାମବାସୀ ।

**ମାଲକାନଗିରି/ମାଥିଲି,୧୯।୭(ଡି.ଏନ.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲାର ଅଧିକାଂଶ ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଅନେକ ସମୟରେ ରୋଗୀ ଭାରରେ ବୁହାହୋଇ ଡାକ୍ତରଖାନା ଆସୁଥିବା ଦେଖିବାକୁ ମିଳୁଛି। ଏପରି ଏକ ଘଟଣା ମାଥିଲି ବ୍ଲକ ଅନ୍ତର୍ଗତ ବେଙ୍ଗପାଣି ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ମଙ୍ଗଳା ପାଙ୍ଗିଙ୍କ ସ୍ତ୍ରୀ ସୁରିଆ ପାଙ୍ଗି ଆସନ୍ନ ପ୍ରସବା ଥିଲେ। ଶୁକ୍ରବାର ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ତେବେ ଆମ୍ବୁଲାନ୍ସ ଯିବା ବେଳେ ରାସ୍ତା ଖରାପ ଥିବାରୁ ଗ୍ରାମଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଅଟକି ରହିଥିଲା । ଏ ସମ୍ପର୍କରେ ଆମ୍ବୁଲାନ୍ସର କର୍ମଚାରୀ କିରଣ ରାଓ ଗ୍ରାମକୁ ଚାଲିଚାଲି ଯାଇ ସମ୍ପୃକ୍ତ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ମଙ୍ଗଳା ଓ କିରଣ ଦୁହେଁ ଖଟିଆରେ ଭାର କରି ସୁରିଆଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଆମ୍ବୁଲାନ୍ସ କର୍ମଚାରୀ କିରଣଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।




# ସମସ୍ୟାରେ ଡୁଡୁମାଗୁଡ଼ା ଗ୍ରାମ

**କୋରୁକୋଣ୍ଡା,୧୯।୭( ଡି.ଏନ.ଏ.)**


ପଥରରେ ଚାଲି ଚାଲି ନଦୀ ପାର ହୋଇ ବିଦ୍ୟାଳୟ ଆସୁଛନ୍ତି ଛାତ୍ରୀଛାତ୍ର ।

- ■ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି ସେତୁ
- ■ ୧୦ ବର୍ଷ ତଳର ପ୍ରକଳ୍ପ ଏଯାଏ ସରିନି
- ■ ଗ୍ରାମରେ ନାହିଁ ବିଦ୍ୟାଳୟ,ଅଙ୍ଗନୱାଡି କେନ୍ଦ୍ର

କୌଣସି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ନିତ୍ୟନ୍ତ ଆବଶ୍ୟକ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତର ଡୁଡୁମାଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ଏକ ନଦୀରେ ସେତୁ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମରେ ୩୧ ପରିବାରର ଶତାଧିକ ଗ୍ରାମବାସୀ ବସବାସ କରୁଛନ୍ତି। ସେହି ଗ୍ରାମକୁ ସଂଯୋଗ ଲାଗି ନଦୀରେ ସେତୁ ନିର୍ମାଲ ପାଇଁ ୧୦ ବର୍ଷ ତଳେ ପ୍ରକଳ୍ପ ମଞ୍ଜୁର ହୋଇଥିଲେ ମଧ ତାହା ବର୍ତ୍ତମାନ ଯାଏ ପୂରଣ ହୋଇପାରିନାହିଁ। ଗ୍ରାମବସୀ ନଦୀ ପାର ପାଇଁ ପଥରରେ ପାଦଚଲା ରାସ୍ତା ନିର୍ମାଣ କରିଛନ୍ତି। ଏଥିସହ ଗ୍ରାମରେ ଅନ୍ୟାନ୍ୟ ସମସ୍ୟା ରହିଛି। ଗ୍ରାମରେ ବିଦ୍ୟାଳୟ କିମ୍ବା ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। ଗ୍ରାମରୁ ୩ କିଲୋମିଟର ଦୂରରେ ଥିବା ପିଲାକୁସମୀ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ପିଲାମାନେ ଯାଉଛନ୍ତି। ୧୮/୨୦ ଜଣ ଶିଶୁ ବିଦ୍ୟାଳୟକୁ ପଥରରେ ନିର୍ମିତ ପାଦଚଲା ରାସ୍ତାରେ ପାଠ ପଢିବା ପାଇଁ ଯାଉଛନ୍ତି। କେବେ ପିଲାମାନେ ପଥରରେ ପଡି ଆହତ ହେଉଛନ୍ତି। ଫଳରେ କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛାଡୁନାହାନ୍ତି। ଖରାପ ରାସ୍ତା ହେତୁ ଗ୍ରାମକୁ ଆମ୍ବୁଲାନ୍ସ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେବାକୁ ପଡୁଛି। ବର୍ଷାଦିନେ ଏହି ନଦୀରେ ୭ରୁ୧୦ ଫୁଟ ଜଳ ରହୁଥିବାରୁ ଏହି ଗ୍ରାମ ୨/୩ ମାସ ପର୍ଯ୍ୟନ୍ତ ବାହ୍ୟଜଗତରୁ ବିଛିନ୍ନ ହୋଇଯାଇଥାଏ। ଏହି ସେତୁ ନିର୍ମାଣ ନେଇ ଗ୍ରାମବାସୀ ବାରମ୍ବାର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏଯାଏ କୌଣସି ସୁଫଳ ମିଳିନାହିଁ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ DHARITRI
ରାୟଗଡା, ଶନିବାର, ୨୦ ଜୁଲାଇ, ୨୦୧୯



## ସଂକ୍ଷେପରେ

### ୩ ଦିନ ହେଲା ମୋବାଇଲ୍, ନେଟ ସେବା ଅଚଳ

**ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.) -** ଗଜପତି ଜିଲା ନୂଆଗଡ଼ ବ୍ଲକ ସଦରରେ ୩ଦିନ ହେଲା ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ସେବା ଠପ୍ ହୋଇଛି। ଡିଜିଟାଲ ଯୁଗରେ ଇଣ୍ଟରନେଟ୍ ଓ ମୋବାଇଲ୍ ସେବା ବିନା କୌଣସି କାର୍ଯ୍ୟ ହେଉନାହିଁ। ସମସ୍ତ ଜରୁରୀ କାର୍ଯ୍ୟ ଏହା ମାଧ୍ୟମରେ ହେଉଛି। ହେଲେ ଏଠାରେ ୩ଦିନ ଧରି ସେବା ବନ୍ଦ ଯୋଗୁ ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ସାଧାରଣରେ ବହୁ ସମସ୍ୟା ଦେଖାଦେଇଛି। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

### ସଂରକ୍ଷିତ ଜଙ୍ଗଲରେ ଚାଷ କରି ୨ ଗିରଫ

**ଡାବୁଗାଁ, ୧୯।୭ (ଡି.ଏନ୍.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ମଇଦଲପୁର ସେକସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲରେ ଚାଷ କରିବା ସମୟରେ ଡାବୁଗାଁ ବନ ବିଭାଗ ଗୁରୁବାର ରାତିରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାରିଆମ୍ବ ଗ୍ରାମର କିଶୋର ହନ୍ତାଳ (୩୮) ଓ ପ୍ରତାପ ଖୋରା (୨୫)। ପ୍ରକାଶ ଯେ, ଗୁରୁବାର ରାତିରେ ମଇଦଲପୁର ସେକସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲର ମାରିଆମ୍ବ ଗ୍ରାମ ନିକଟରେ ଅଭିଯୁକ୍ତମାନେ ଜଙ୍ଗଲ କାଟି ଏକ ଟ୍ରାକ୍ଟର ଯୋଗେ ଚାଷ କରୁଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ। ଘଟଣାସ୍ଥଳରୁ ୪୫ଟି ବଲ୍ଲା ଓ ଏକ ଟ୍ରାକ୍ଟର ଜବତ କରାଯାଇଛି। ଶୁକ୍ରବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ ନଂ ୭୭/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଚଢାଉ ସମୟରେ ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ସୁବ୍ରତ ବାବାଲି, ରାମାକାନ୍ତ ସାହୁ, ନୀରବ ସୁନା, ପାରା ଫରେଷ୍ଟ୍ରୀ କର୍ମଚାରୀ ଉମାଶଙ୍କର ନାୟକ ଓ ମୁନା ଖାନ ପ୍ରମୁଖ ସାମିଲ ଥିଲେ।

### ଆଇନ ସଚେତନତା ଶିବିର

**ନବରଙ୍ଗପୁର,୧୯।୭(ବି.ପ୍ର.)-** ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରରେ ଶିଶୁ ଯତ୍ନ, ଶିଶୁ ସୁରକ୍ଷା ଆଇନ ଓ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ପରିବାର ବିଚାର ବିଭାଗୀୟ ଜଜ୍ ବିକ୍ରମ ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାଶ, ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ବରିଷ୍ଠ ଦେୱାନୀ ଜଜ୍ ଏସ. ଶୁଭଲକ୍ଷ୍ମୀ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରଶନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ନାଥ ଧାକଡ, ଆଇନଜୀବୀ ସାଲମା ବାନୋ ଉପସ୍ଥିତ ଥିଲେ। ପ୍ରାଧିକରଣ ସମ୍ପାଦକ ବେହେରା ସଭା କାର୍ଯ୍ୟ ଆରମ୍ଭ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧାକଡ ଧନ୍ୟବାଦ ଦେଇଥିଲେ। ଆଇନସେବା ପ୍ରାଧିକରଣ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ୨ ବର୍ଷ ହେଲା ସରୁନି ସଙ୍କୁରୀ ପୋଖରୀ ଉନ୍ନୟନ କାମ

## ଅନ୍ୟ ନାଁରେ ଟାଳୁଛନ୍ତି ବିଭିନ୍ନ ବିଭାଗ


ପୋଖରୀ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି।

**ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.)–** ସ୍ଥାନୀୟ କ୍ରିଷ୍ଣା ସିନେମା ହଲ୍ ସମ୍ମୁଖରେ ରହିଥିବା ପୁରାତନ ସଙ୍କୁରୀ ପୋଖରୀର ଉନ୍ନୟନ କାର୍ଯ୍ୟ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ପଡ଼ିରହିଛି। ଦୁଇବର୍ଷ ତଳେ ତତ୍କାଳୀନ ବିଧାୟକଙ୍କ ଦ୍ୱାରା ଏହି ଉନ୍ନୟନ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଥିଲା । ଏଥିପାଇଁ ଟଙ୍କା ମଞ୍ଜୁର ହେଉଛି, କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇପାରୁନି। ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ପୁରାତନ ପୋଖରୀ ଉପରେ ୧୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ମତ୍ସ୍ୟଜୀବୀ ମଧ୍ୟ ଜୀବିକା ନିର୍ବାହ ପାଇଁ ଏହି ପୋଖରୀ ଉପରେ ନିର୍ଭରଶୀଳ। ଏ ସମ୍ପର୍କରେ ପୌରପରିଷଦ କନିଷ୍ଠ ଯନ୍ତ୍ରୀ ଡି. ଯୁଧିଷ୍ଠିରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପୋଖରୀର ସୁରକ୍ଷା ପାଚେରି କାମ ପୂର୍ତ୍ତ ବିଭାଗର। ତାହା ଶେଷ ହେବା ପରେ ପୌରପରିଷଦ ପକ୍ଷରୁ ପୋଖରୀ ଉନ୍ନୟନ କାର୍ଯ୍ୟ ଶେଷ କରାଯିବ । ସେହିପରି ପୂର୍ତ୍ତ ବିଭାଗ ସହ ଯୋଗାଯୋଗ କରିବାରୁ ଏହି ସୁରକ୍ଷା ପାଚେରି କାର୍ଯ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସହ ସଂଯୋଗ ରହିଛି । ତେଣୁ ରାସ୍ତା ପ୍ରଶସ୍ତିକରଣ ଓ ପାଚେରି କାର୍ଯ୍ୟ ଏକାସଙ୍ଗେ ସମ୍ପୂର୍ଣ୍ଣ ହେବ ବୋଲି ଜଣାଇଛନ୍ତି। ହେଲେ ଏବେ ବର୍ଷା ଦିନ ଯୋଗୁ ନାଳନର୍ଦ୍ଦମା ପାଣି ତଥା ଆବର୍ଜନାରେ ପୋଖରୀ ଭର୍ତ୍ତି ହେବା ସମ୍ଭାବନା ରହିଛି । ପୋଖରୀର ଉନ୍ନୟନ କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁରୀ ହେଉଥିଲେ ମଧ୍ୟ ପୂର୍ବରୁ ରାଜନୈତିକ କାରଣ ଏବଂ ଏବେ ବିଭାଗୀୟ ଛକାପଞ୍ଝା ଯୋଗୁଁ ଏହି କାର୍ଯ୍ୟ ଅଟକି ରହିଥିବା ଚର୍ଚ୍ଚା ହେଉଛି।

## ପ୍ରଶିକ୍ଷଣ ଶିବିରରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସଫଳତା

**ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.) –** ଗଞ୍ଜାମ ଜିଲା ବ୍ରହ୍ମପୁର ଉପକଣ୍ଠ ଚଣ୍ଡିପଦର ସ୍ଥିତ ଏସ୍‌ଏମ୍‌ଆଇଟି ଅନୁଷ୍ଠାନରେ ଅନୁଷ୍ଠିତ ବାର୍ଷିକ ପ୍ରଶିକ୍ଷଣ ଶିବିର(ଏଟିସି)ରେ ପାରଳାଖେମୁଣ୍ଡିର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ନାଭାଲ ୱିଙ୍ଗ୍ ଛାତ୍ରମାନେ ସଫଳତା ହାସଲ କରିଛନ୍ତି । ୮ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ବିଦ୍ୟାଳୟର ୪୪ ଜଣ ଏନ୍‌ସିସି (ନାଭାଲ୍) କ୍ୟାଡେଟ୍ ଫାଷ୍ଟ ଅଫିସର ହରିହର ଦାସଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିଲେ । ଶିବିରରେ ବନ୍ଧୁକ ଚାଳନା, ନୌଚାଳନା, ସଡକ ସୁରକ୍ଷା, ଅଗ୍ନିଶମ ପ୍ରଶିକ୍ଷଣ, ସାଙ୍କେତିକ ବାର୍ତ୍ତାପ୍ରେରଣ, ଚରିତ୍ର ଗଠନ, ଶାରୀରିକ ଶିକ୍ଷା, ପରେଡ, ଡ୍ରିଲ ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଇଥିଲା । ସେହିପରି ୧୦ ଦିନିଆ ଶିବିରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ୟାରେଡରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଟ୍ରୁପ୍ ପ୍ରଥମ ସ୍ଥାନ ଅଧିକାର କରିଥିଲା । ସେହିପରି ଏ. ଈଶ୍ୱର ରାଓ ଶ୍ରେଷ୍ଠ କ୍ୟାଡେଟ ଓ ମାନୁଆଲ ରଇତ ପ୍ରାଚୀର ପତ୍ର ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ ଶିବିରକୁ କମାଣ୍ଡାଣ୍ଟ କର୍ନଲ ଏନ୍.ଆର୍. ଭିଡେ ଏବଂ ସି.ଆଇ. ପି.କେ. ରାଓ ପରିଚାଳନା କରିଥିଲେ । କ୍ୟାଡେଟ୍‌ମାନଙ୍କ ଏଭଳି ସଫଳତା ପାଇଁ ସେମାନଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।



କ୍ୟାଡେଟ୍ ଅଧିକାରୀଙ୍କ ନିକଟରୁ ପୁରସ୍କାର ଗ୍ରହଣ କରୁଛନ୍ତି।

■ ବେପରୁଆ ଡ୍ରେନ୍ ଖୋଳା

# ସମସ୍ୟା ଭୋଗୁଛନ୍ତି ସାହିବାସିନ୍ଦା


ଜଣେ ବ୍ୟକ୍ତି ବିପଜ୍ଜନକ ଭାବେ ଶିଡ଼ିରେ ଘରକୁ ଯାଉଛନ୍ତି।

**ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.)** ପୌରପରିଷଦ ପକ୍ଷରୁ ସ୍ଥାନୀୟ ଓଡ଼ିଆ ଭଣ୍ଡାରୀ ସାହିରେ ଚାଲିଥିବା ଡ୍ରେନ୍ କାର୍ଯ୍ୟ ଅତି ବେପରୁଆଭାବେ କରାଯାଉଥିବା ଅଭିଯୋଗ ହୋଇଛି। ବର୍ଷାଦିନରେ ଡ୍ରେନ୍ କଥା ମନେ ପଡୁଥିବାବେଳେ ମେଶିନ୍ ଦ୍ୱାରା ଆବଶ୍ୟକ, ଠାରୁ ଅଧିକ ଖୋଳି ଛାଡ଼ିଦେଇଥିବା ଦେଖିବାକୁ ମିଳିଛି। ଫଳରେ ଅଞ୍ଚଳବାସୀ ବହୁ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଡ୍ରେନ୍‌ର ଅବସ୍ଥା ଏପରି ରହିଛି ଯେ, ଲୋକେ ସିଡ଼ିରେ ଚଢ଼ି ଘରକୁ ଯାଉଛନ୍ତି। ଯଦ୍ୱାରା ଦୁର୍ଘଟଣାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ରାସ୍ତା ଉପରେ ଡ୍ରେନ୍‌ର ଆବର୍ଜନା ଗଦା କରି ରଖିଥିବାରୁ ରାସ୍ତାଟି ଅଣ ଓସାରିଆ ହୋଇପଡ଼ିବା ସହ ଆବର୍ଜନା ଘର ମଧ୍ୟରେ ପଶୁଛି। ପୂର୍ବରୁ ଏହି ଡ୍ରେନ କାର୍ଯ୍ୟ ଆରମ୍ଭ କରି କିଛିଦିନ ପରେ କାମ ବନ୍ଦ ରହିଥିଲା । ଯାହାଫଳରେ ସମସ୍ୟା ସୃଷ୍ଟି ହୋଇଥିଲା। ଏବେ ବର୍ଷାଦିନରେ ପୁଣି ଡ୍ରେନ୍ ଖୋଳିବା ଯୋଗୁ ଲୋକଙ୍କ ସମସ୍ୟା ବଢ଼ିଯାଇଛି। ତେଣୁ ଯଥାଶୀଘ୍ର କାମ ସାରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଯୋଗାଇବା ଘଟଣା ମିଲ୍ ମାଲିକ ଗିରଫ

**ଡାବୁଗାଁ, ୧୯।୭ (ଡି.ଏନ୍.ଏ.)** ଡାବୁଗାଁ ବ୍ଲକ ଅଧୀନ କାଳି ସୁନ୍ଦରୀ ରାଇସ ମିଲ ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଯୋଗାଇବା ଘଟଣାରେ ମିଲ ମାଲିକ ଗମ୍ଭୀର ହରିଜନଙ୍କୁ ଶୁକ୍ରବାର ଡାବୁଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରାଇସ ମିଲ ମାଲିକ ଗତ ୨୦୧୬-୧୭ ଖରିଫ ଧାନ ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ଦେବା ପାଇଁ ଜିଲା ଯୋଗାଣ ବିଭାଗ ସହ ଚୁକ୍ତି କରିଥିଲେ। ସେହି ବର୍ଷ ମଣ୍ଡିରୁ ୧୬୨୧ କୁଇଣ୍ଟାଲ ଧାନ ଉଠାଇଥିଲେ । ସରକାରଙ୍କୁ ୧୦୮୨ କୁଇଣ୍ଟାଲ ଧାନ ଯୋଗାଇବାର ଥିଲା କିନ୍ତୁ ୩୯୯ କୁଇଣ୍ଟାଲ ଚାଉଳ ଦେବା ପରେ ବଳକା ୬୮୨ କୁଇଣ୍ଟାଲ ଚାଉଳ ଦେଇନଥିଲେ। ଏନେଇ ଯୋଗାଣ ବିଭାଗ ପକ୍ଷରୁ ବାରମ୍ବାର ନୋଟିସ ଦିଆଯାଇଥିଲେ ମଧ୍ୟ ମିଲ ମାଲିକ ତାହାକୁ ଅଣଦେଖା କରିଥିଲେ। ଏନେଇ ଚଳିତ ମାସ ୩ ତାରିଖରେ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା ମିଲ ମାଲିକ ଗମ୍ଭୀରଙ୍କ ନାମରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୭୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

■ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଶିବିର

## ୩୦ ପ୍ରାର୍ଥୀଙ୍କୁ ଚୟନ କଲେ ବିଭିନ୍ନ ସଂସ୍ଥା

**ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.)** ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପରିସରରେ ୩ଦିନିଆ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମଡେଲ କ୍ୟାରିୟର୍ ସେଣ୍ଟର ଦ୍ୱାରା ଚାଲିଥିବା ଶିବିରରେ ଗଜପତି ଜିଲାର ୧୨୫ଜଣ ଛାତ୍ରୀଛାତ୍ର ସାକ୍ଷାତକାର ଦେଇଥିଲେ। ଏଥିମଧ୍ୟରୁ ସ୍ୱତନ୍ତ୍ର ମାଇକ୍ରୋଫାଇନାନ୍ସରେ ୭ଜଣ, ସ୍ୱୀଗୀରେ ୯ଜଣ ଓ ଆଇସିଆଇସିଆଇ ବ୍ୟାଙ୍କ ପାଇଁ ୧୪ଜଣ ଚୟନ ହୋଇଥିବା ଜଣାପଡ଼ିଛି। ଭାରତ ସରକାରଙ୍କ ନ୍ୟାସନ୍ୟାଲ କ୍ୟାରିୟର୍ ସର୍ଭିସ ଦ୍ୱାରା ଅବସ୍ଥାପିତ ଅଧିକାରୀ ଶୋଭନ ଦାସ ଓ ବିଶ୍ୱ ବିଦ୍ୟାଳୟ ଦ୍ୱାରା ନିଯୁକ୍ତ ହୋଇଥିବା ଅଧିକାରୀ ପ୍ରଧାପକ କାଳୀ ପ୍ରସନ୍ନ ପଟ୍ଟନାୟକ ଏହି ନିଯୁକ୍ତି ମେଳାକୁ ପରିଚାଳନା କରିଥିଲେ । ଆଗାମୀ ଦିନରେ ଏମ୍‌ବିଏ ବିଭାଗ ଦ୍ୱାରା ମଧ୍ୟ ଏହିପରି ନିଯୁକ୍ତିମେଳା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଏହି ନିଯୁକ୍ତି ମେଳା ସମ୍ପୂର୍ଣ୍ଣ ରୂପେ ନିଶୁଳ୍କ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହିପରି ନିଯୁକ୍ତି ମେଳା ଦ୍ୱାରା ଜିଲାରେ ଅନେକ ଯୁବକ ଯୁବତୀ ନିଜର କ୍ୟାରିୟର ଗଠନ କରିପାରିବେ ବୋଲି ଜଣାପଡିଛି ।



ଜଣେ ଛାତ୍ର ସାକ୍ଷାତକାର ଦେଉଛନ୍ତି।

## କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.) –** ଗଜପତି ଜିଲା ଗାରବନ୍ଧ ଥାନା ଅନ୍ତର୍ଗତ ଗୌଡ଼ ତାଳସିଂ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘଟଣାରୁ ପ୍ରକାଶ ଯେ, ଘର କାନ୍ଥ ପଡ଼ିଯିବାରୁ ଗ୍ରାମର ଯୁଧିଷ୍ଠୀ ଗୌଡ଼ଙ୍କ ସ୍ତ୍ରୀ ଶଶୀ ଗୌଡ(୫୮) ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଏ ସମ୍ପର୍କରେ ଗାରବନ୍ଧ ଥାନାରେ କେସ୍ ନଂ– ୭/୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଜରୁରୀ

**ଡାବୁଗାଁ,୧୯।୭ (ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଡାବୁଗାଁ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି। ଡାବୁଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଓ ଛାତ୍ରୀଛାତ୍ର ଶାଗୁଆନ, ଅମୃତଭଣ୍ଡା, ସଜନା, ପିଜୁଳି, ରାଧାଚୂଡା, କୃଷ୍ଣଚୂଡା, ଆମ୍ବ, ଜାମୁକୋଳି, ବଉଳ, ମହାନିମ୍ବ, ଦେବଦାରୁ ଚାରାରୋପଣ କରିଥିଲେ। ଏଠାରେ ମୋଟ ୨୦୦ଟି ଚାରା ରୋପଣ କରାଯାଇଛି। ପରିବେଶର ସୁରକ୍ଷା କରିବାକୁ ହେଲେ ଗଛର ଆବଶ୍ୟକତା ରହିଛି , ତେଣୁ ସମସ୍ତେ ଚାରାରୋପଣ କରିବା ଦରକାର ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବିଦ୍ୟାଳୟ ଅଧକ୍ଷ ରୁଦ୍ର କିଶୋର ପ୍ରଧାନ, ବନରକ୍ଷୀ ମନୋରଞ୍ଜନ ନାୟକ, ପ୍ରକାଶ ସରକାର, ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ମିଶ୍ର, ଅର୍ଚ୍ଚନା ସାମନ୍ତ, ଶିକ୍ଷକ ରୋହିତ ନାଗ, କଳାକୃଷ୍ଣ ବିଶୋଇ, ରାଜେଶ ସମରଥ, ଚିନ୍ମୟ ପ୍ରଧାନ, ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତା କୃପାଦାସ ମହୁରିଆ, ହରିହର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

RAMA DEVI WOMEN'S UNIVERSITY
Vidya Vihar, Bhoinagar, Bhubaneswar-751022

WALK-IN-INTERVIEW

A **walk-in interview** will be conducted on **29.07.2019 (Monday)** for the engagement of **One Project Coordinator, One Research Officer/ Statistician, One Field Investigator and One Typist with Computer Proficiency** under the research project ***'Workplace Gender Discrimination in Odisha: Mechanism to Arrest it'*** funded by the NCW, New Delhi to be conducted by the Dept. of Gender Studies of Rama Devi Women's University. Interested candidates are advised to visit University website **www.rdwuniversity.nic.in** for details on qualification and experience.

***Sd./- (Project Director)***

■ ନାତୁଣୀଙ୍କୁ ନେଇ ବିଧାୟକଙ୍କ ଦ୍ୱାରସ୍ଥ ହେଲେ ଆଈ

# ପାଠପଢ଼ା ବ୍ୟବସ୍ଥା କରିବାକୁ ନିବେଦନ

**ନବରଙ୍ଗପୁର,୧୯।୭(ବି.ପ୍ର.)** ଜନ୍ମ ପୂର୍ବରୁ ଛାଡି ଚାଲି ଯାଇଥିଲେ ବାପା। ଜନ୍ମ ଦେଇ ମା' ମଧ୍ୟ ଅନ୍ୟତ୍ର ବିବାହ କରି ଚାଲିଗଲେ। ଏହାପରେ ଆଈଙ୍କ ପାଖରେ ରହି ବଢିଥିଲେ ରତ୍ନମଣୀ। କିଛି ଦିନ ତଳେ ଆଈଙ୍କ ମୃତ୍ୟୁ ହୋଇ ଯିବା ପରେ ସେ ଏବେ ସାନ ଆଈ ବିଜୟନ୍ତୀଙ୍କ ପାଖରେ ରହୁଛନ୍ତି। ଅସହାୟ ସାନ ଆଈ ପିଲାଟିର ଭବିଷ୍ୟତକୁ ନେଇ ଚିନ୍ତାରେ। ଶୁକ୍ରବାର ବିଜୟନ୍ତୀ ରତ୍ନମଣୀଙ୍କୁ ନେଇ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଭେଟିଛନ୍ତି। ରତ୍ନମଣୀଙ୍କ ପାଠପଢା ବ୍ୟବସ୍ଥା କରନ୍ତୁ ବୋଲି ସେ ବିଧାୟକଙ୍କୁ ଅନୁରୋଧ କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର କେନାଲସାହିର ଜୀବ ବାଘ ସୁନାତାଙ୍କୁ ବିବାହ କହିଥିଲେ । ସୁନୀତା ଗର୍ଭବତୀ ଥିବା ସମୟରେ ସ୍ତ୍ରୀଙ୍କୁ ଛାଡି ଜୀବ ଅନ୍ୟତ୍ର ବିବାହ କରି ଚାଲିଗଲେ। ସୁନୀତା ରୁତୁମଣୀଙ୍କୁ ଜନ୍ମ ଦେବା ପରେ ସେ ମଧ୍ୟ ଅନ୍ୟତ୍ର ବିବହ କରି ଚାଲିଯାଇଥିଲେ। ଆଈ ଧନୀ ନାଗ ରତ୍ନମଣୀଙ୍କୁ ନେଇ ପାଖରେ ରଖିଥିଲେ। ପିଲାଟିକୁ ପାଳିବା ସହ ନିଜ ସାମର୍ଥ୍ୟ ମୁତାବକ ତାର ଦେଖାଶୁଣା କରୁଥିଲେ। ଏହାଛଡ଼ା ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢାଉ ଥିଲେ। ରତ୍ନମଣୀ ଏବେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି। କିନ୍ତୁ ବୋଝ ଉପରେ ନଳିତା ବିଡା ଭଳି ଆଈ ଧନୀଙ୍କ ୩ ମାସ ତଳେ ମୃତ୍ୟୁ ହୋଇଯାଇଛି। ଏହାପରେ ସାନ ଆଈ ବିଜୟନ୍ତୀ ବେନିଆ ରତ୍ନମଣୀଙ୍କୁ କୋଳାଇ ନେଇଛନ୍ତି। ସେ ଏବେ ସାନ ଆଈ ବିଜୟନ୍ତୀ ପାଖରେ ପାପଡାହାଣ୍ଡି ବ୍ଲକ ଖଲିଗୁଡା ଗାଁରେ ରହୁଛନ୍ତି। କିନ୍ତୁ ସେ ପିଲାଟିର ଭବିଷ୍ୟତ ଗଢିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ତାଙ୍କର ସ୍ୱାମୀ ନ ଥିବା ବେଳେ ସେ ନିସନ୍ତାନ। ଏକା ଚଳିବା କଷ୍ଟକର ହୋଇ ପଡିଥିବାବେଳେ ପିଲାଟିର ଭବିଷ୍ୟତ ଗଢିବା ମୋ ପକ୍ଷେ ଅସମ୍ଭବ ବୋଲି ବିଜୟନ୍ତୀ କହିଛନ୍ତି। ବିଜୟନ୍ତୀ ରୁତୁମଣୀଙ୍କୁ ନେଇ ଶୁକ୍ରବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଭେଟିଛନ୍ତି। କୌଣସି ସେବାଶ୍ରମରେ ରଖି ରୁତୁମଣୀଙ୍କ ପାଠ ପଢା ବ୍ୟବସ୍ଥା କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ରତ୍ନମଣି ମାଝିଗୁଡାସ୍ଥିତ ଦିନଦୟାଲ କନ୍ୟାଶ୍ରମରେ ରହି ପାଠ ପଢିବେ, ଏନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ ରନ୍ଧାରୀ କହିଛନ୍ତି। ପ୍ରଶାସନ ଓ ବିଧାୟକ ସହାୟତାର ହାତ ବଢାନ୍ତୁ ବୋଲି ଦାବି ହୋଇଛି।


ସାନ ଆଈ ବୈଜୟନ୍ତୀଙ୍କ ସହ ରତ୍ନମଣି।

ପୂର୍ବ ତଟ ରେଳପଥ

ଭଡ଼ା ସୂତ୍ରରେ ଗାଡ଼ି

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONVSKP 2019028, ତା.17.07.2019ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ଅବଧି ନିମନ୍ତେ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ)/ରାୟଗଡ଼ା ଏବଂ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ)/ବ୍ରିଜ୍/ରାୟଗଡ଼ାଙ୍କ ବ୍ୟବହାର ନିମନ୍ତେ 02 (ଦୁଇ) ଗୋଟି ଗାଡ଼ି (ନନ୍-ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 13.94 ଲକ୍ଷ, EMD (ଟଙ୍କାରେ) : 27,900/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.08.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)
PR-29/CC/19-20 ଭୁବନେଶ୍ୱର

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 397 OF 2018**

**IDBI Bank Limited, Puri Branch,** At/P.O: Puri, Dist.: Puri **..Applicant**
**-Versus-**
**M/s. Jagannath Omfed Parlour and other ...Defendants**

**To**

1. **M/s. Jagannath Omfed Parlour,** At: Balagandi Chhaka, Balagandi, At/P.O.: Puri, Dist.: Puri-752001, represented through its Prop.: Mr. Prashanta Kumar Mohanty.
2. **Prasanta Kumar Mohanty,** Aged about 50 years, S/o- Netrananda Mohanty, At: Gangarama Nuasahi, Puri Municipality, Kumbharpada, Dist.: Puri-752001, Odisha.
3. **Rina Mohanty,** Aged about 43 years, W/o- Prasanta Kumar Mohanty, At: Gangarama Nuasahi, Puri Municipality, Kumbharpada, Dist.: Puri-752001, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 397 of 2018** in the Court of Debts Recovery Tribunal at Cuttack for a recovery of **Rs.12,36,098.98** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23rd day of Aug. 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **01st day of July 2019.** **Sd/- Registrar, Debts Recovery Tribunal**

## ସଂକ୍ଷେପରେ

### ଡିଇଓ, ଡିପିସିଙ୍କ ଡାଙ୍ଗସୋରଡ଼ା ସ୍କୁଲ ପରିଦର୍ଶନ

ଚନ୍ଦ୍ରପୁର, ୧୯।୭ (ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ସଦର ମହକୁମାରେ ଥିବା ୟୁଜିୟୁପି ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ପ୍ରକଳ୍ପ ସଂଯୋଜିକା ଆନାସ୍ଥେସିଆ କେରେକେଟା ଓ କନିଷ୍ଠ ଯନ୍ତ୍ରୀ ବିକାଶ ମହାପାତ୍ର ପରିଦର୍ଶନ କରିଛନ୍ତି । ସେମାନେ ବିଦ୍ୟାଳୟରେ ପହଞ୍ଚି ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଭ୍ୟା, ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପାଠପଢ଼ା, ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ପ୍ରଧାନ ଓ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କଠାରୁ ପଚାରି ବୁଝିଥିଲେ। ଏଥିସହ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ମଧ ଆଲୋଚନା କରିଥିଲେ। ଏହି ସମୟରେ ପରିଚାଳନା କମିଟି ସଭାପତି ବିଷ୍ଣୁ ପ୍ରସାଦ ପାତ୍ର, ଲୋକନାଥ ଦଣ୍ଡସେନା, ରତିରଞ୍ଜନ ପାତ୍ର, ସୁରଭି ମାଝିଙ୍କ ସମେତ ମୁନିଗୁଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳିଗଲା ଟ୍ରାନ୍ସଫର୍ମର

ଟିକିରି,୧୯।୭(ଡ଼ି.ଏନ.ଏ):ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସୋରିଷପଦର ପାଖରେ ଥିବା ସବଷ୍ଟେଶନ ଟ୍ରାନ୍ସଫର୍ମର ଶୁକ୍ରବାର ଜଳିଯାଇଛି । ଫଳରେ ଟିକିରି ଅଞ୍ଚଳ ପୁଣି ଅନ୍ଧାର ହୋଇଯାଇଛି । ତୁରନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ବିଦ୍ୟୁତ୍ କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଏହି ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୨ ଦିନ ହେଲା ଟିକିରି ଅନ୍ଧାରରେ ରହିଥିଲା । ବିଦ୍ୟୁତ୍ କର୍ମଚାରୀମାନେ ବହୁ ପରିଶ୍ରମ କରି ରାତି ୧୨ଟାରେ ଟିକିରି ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ କରିଥିଲେ । ହେଲେ ଶୁକ୍ରବାର ସନ୍ଧ୍ୟାରୁ ପୁଣି ଅନ୍ଧାର ହୋଇଯାଇଛି ।

### ପୋଚ, ଦେଶୀମଦ ନଷ୍ଟ କଲା ପୋଲିସ

ରାୟଗଡା ଅଫିସ୍, ୧୯।୭: ଜିଲା ସଦର ମହକୁମାରେ ଜିଲା ଅବକାରୀ ଅଧୀକ୍ଷକ ଓ ଜିଲା ଭ୍ରାମ୍ୟମାଣ ୟୁନିଟ ରହିଛି । ତଥାପି ଗ୍ରାମାଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳରେ ଚୋରା କାରବାର ଚାଲିଛି । ଚୋରାମଦ ବିକ୍ରି ବନ୍ଦ ନିମନ୍ତେ ଶେଷଖାଲ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍କାଙ୍କ ନେତୃତ୍ୱରେ ୧୫ଜଣିଆ ଦଳ ଶୁକ୍ରବାର ରେଙ୍ଗଲପାଡୁ ଓ ଜିମ୍ଭାକୁଟି ଅଞ୍ଚଳରେ ଚଢ଼ାଉ କରିଥିଲେ । ସେଠାରେ ୩ ହଜାର ଲିଟର ପୋଚ ଓ ୨୦୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ ।

### ରକ୍ତଦାନ ଶିବିର

ରାୟଗଡା ଅଫିସ୍, ୧୯।୭: ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ଜୟନ୍ତୀ ଅବସରରେ ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ୨ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଦିବ୍ୟ ଦର୍ଶନ ଆଶ୍ରମ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୋଟ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏଣେ ବୁଧବାର କଲ୍ୟାଣସିଂହପୁର ବ୍ଲକ୍‌ର ରେଖାଲିଗୁଡାଠାରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଭଜନ ସମାରୋହ,ଜ୍ଞାନଯଜ୍ଞ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଅଲେଖ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ଦିବ୍ୟ ଦର୍ଶନ ସଂଘ ସଭାପତି ରବୀନ୍ଦ୍ରନାଥ ମହାନ୍ତି ଓ କେଶବ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏମ୍.ଏ ମାଜିଦ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।

■ ପାଣି ପାଇଁ ତହଳବିକଳ

# ଗରା, ବାଲ୍‌ଟି ଧରି ଧାରଣାରେ ବସିଲେ ଗ୍ରାମବାସୀ

ରାୟଗଡା ଅଫିସ୍, ୧୯।୭


ଗ୍ରାମବାସୀ ଗରା, ବାଲ୍‌ଟି ଧରି ଧାରଣାରେ ବସିଛନ୍ତି ।

ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଦେଖା ଦେଉଥିବା ବେଳେ ବର୍ଷା ଋତୁରେ ମଧ ଲୋକେ ଟୋପାଏ ପାଣି ପାଇଁ ତହଳବିକଳ ହେଉଛନ୍ତି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାୟଗଡା ଜିଲା କୋଲନରା ବ୍ଲକ୍ ଦୁଦ୍ଧୁଲି ପଞ୍ଚାୟତ ଅନ୍ତର୍ଗତ ଲେଲିବାଡି ଗ୍ରାମବାସୀ ଗ୍ରାମ୍ୟ ଜଳ ଓ ପରିମଳ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣାରେ ବସିଥିଲେ । କାର୍ଯ୍ୟାଳୟ ସମ୍ମୁଖରେ ହାଣ୍ଡି, ବାଲ୍‌ଟି ଧରି ବସି ରହି ପାନୀୟ ଜଳ ଯୋଗାଣ ପରେ ହିଁ ଧାରଣାରୁ ହଟିବୁ ବୋଲି ଜିଦ୍ କରିଥିଲେ ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମରେ ୯୦ଟି ଘର ରହିଥିବା ବେଳେ ଜନସଂଖ୍ୟା ୬୦୦ରୁ ଊର୍ଦ୍ଧ୍ୱ । ଗ୍ରାମବାସୀଙ୍କ ପାଇଁ ବିଭାଗ ପକ୍ଷରୁ ୨ଟି ନଳକୂପ ଖନନ କରାଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଦୀର୍ଘ ୪ବର୍ଷରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି । ଯଦ୍ୱାରା ଗ୍ରାମବାସୀ ପାନୀୟ ଜଳ ସକାଶେ ଅସୁବିଧା ଭୋଗୁଛନ୍ତି । ପ୍ରତ୍ୟେକ ଦିନ ଗ୍ରାମର ମହିଳାମାନେ ଗରାଏ ପାଣି ପାଇଁ ୨କି.ମି. ରାସ୍ତା ଅତିକ୍ରମ କରି ନାଳରୁ ପାଣି ସଂଗ୍ରହ କରୁଛନ୍ତି । ଅପରପକ୍ଷରେ ଅଚଳ ନଳକୂପ ମରାମତି କରିବା ପାଇଁ ବାରମ୍ବାର ବ୍ଲକ୍, ପଞ୍ଚାୟତରେ ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳୁନାହିଁ । ତଥାପି ଗ୍ରାମବାସୀ ନିଜେ ଅର୍ଥ ଆଦାୟ କରି ନଳକୂପଟିକୁ ମରାମତି କରୁଛନ୍ତି । କିନ୍ତୁ କିଛି ଦିନ ପରେ ତାହା ପୁଣି ଅଚଳ ହୋଇପଡୁଛି । ବାରମ୍ବାର ଏଭଳି ଘଟୁଥିବା ଯୋଗୁ ସେମାନେ ନୟାନ୍ତ ହୋଇପଡିଥିବା ଅଭିଯୋଗ କରିଛନ୍ତି । ଗ୍ରାମର ସମସ୍ତେ ଚାଷୀ ଓ ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ପାନୀୟ ଜଳ ସମସ୍ୟା ସେମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଛି । କାରଣ ମହିଳାମାନେ ପାଣି ସଂଗ୍ରହ କରିବା ବେଳେ ଅନ୍ୟ କୌଣସି କାମ କରିପାରୁନାହାନ୍ତି । ତେଣୁ ତୁରନ୍ତ ଲେଲିବାଡି ଗ୍ରାମରେ ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ । ଅଭିଯୋଗ ଶୁଣିବାପରେ ଶନିବାର ଅଚଳ ନଳକୂପକୁ ମରାମତି କରାଯିବ । ଏଥିସହ ଆସନ୍ତା ୧୫ ଦିନ ମଧ୍ୟରେ ନୂତନ ନଳକୂପ ଖନନ କରାଯିବ ବୋଲି ନିର୍ବାହୀଯନ୍ତ୍ରୀ ମୋତିଲାଲ ତିୱାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ୧୫ ଦିନ ମଧ୍ୟରେ ଯଦି ସମସ୍ୟା ସମାଧାନ ନ ହୁଏ ତେବେ କାର୍ଯ୍ୟାଳୟ ସମ୍ମୁଖରେ ପୁଣି ଧାରଣା ଦିଆଯିବ ବୋଲି ଗ୍ରାମର ବାବୁରାଓ କାଡ୍ରାକା, ପ୍ରହ୍ଲାଦ ପେଦେଣ୍ଟି, ସରାବୁ ପେଦେଣ୍ଟି, ମହେଶ ପେଦେଣ୍ଟି, ଆପିୟା ପେଦେଣ୍ଟି, କେଶବ ପେଦେଣ୍ଟି ପ୍ରମୁଖ ଚେତାବନୀ ଦେଇଛନ୍ତି ।

■ ଗ୍ରାମ୍ୟ ଜଳ ଓ ପରିମଳ କାର୍ଯ୍ୟାଳୟ ଘେରାଉ
■ ୪ ବର୍ଷ ହେଲା ନଳକୂପ ଅଚଳ ସମସ୍ୟା ଦୂର ନ ହେଲେ ପୁଣି ଦେବେ ଧାରଣା
■ ନୂତନ ନଳକୂପ ଖନନ ଲାଗି ପ୍ରତିଶ୍ରୁତି

■ ବୁଲା ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇଛି ରେଳମନ୍ତ୍ରଣାଳୟ

# ଏକାଠି ହେଲେ ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ

ଜେକେପୁର, ୧୯।୭(ଡି.ଏନ୍.ଏ.)

ଟ୍ରେନ୍‌ରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ଅଙ୍କୁଶ ଲଗାଇଛି ବିଶାଖାପାଟଣା ଡିଭିଜନ । ଫଳରେ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଟ୍ରେନ୍‌ରେ ଚା, ମୁଢ଼ି, ବିସ୍କୁଟ, ବାଦାମ, ପାଣି , ଅଣ୍ଡା, ଦହି, କଦଳି ଆଦି ବିକ୍ରି କରୁଥିବା ବେପାରୀମାନେ ଆଉ ଟ୍ରେନ୍‌ରେ ଚଢ଼ିପାରୁ ନାହାନ୍ତି । ୨ ମାସ ହେବ ରେଳ ବିଭାଗର କର୍ମଚାରୀମାନେ ବ୍ୟବସାୟୀମାନଙ୍କୁ ପ୍ଲାଟଫର୍ମ କିମ୍ବା ଟ୍ରେନରେ ଦେଖିଲେ ଗୋଡାଉଛନ୍ତି। ରାୟଗଡ଼ା, ଜେକେପୁର, ଟିକିରି, ଭାଲୁମସ୍କା, କୋରାପୁଟ, ପାର୍ବତୀପୁରମ୍ ଆଦି ଷ୍ଟେଶନରେ ଶତାଧିକ ବେପାରୀଙ୍କ ବ୍ୟବସାୟ ବନ୍ଦ ହୋଇଯାଇଛି। ବର୍ତ୍ତମାନ ପରିବାର ଚଳାଇବା ସେମାନଙ୍କ ଲାଗି କଷ୍ଟକର ହୋଇପଡ଼ିଛି । ଏନେଇ ଶୁକ୍ରବାର କେକେପୁରଠାରେ ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଏକତ୍ରିତ ହୋଇଛନ୍ତି । ଆଗାମୀ ଦିନରେ କିଭଳି ତାଙ୍କର ଜୀବନ ଜୀବିକା ନିର୍ବାହ କରିବେ, ପ୍ରତ୍ୟେକ ଦିନ ଭଳି ଟ୍ରେନ୍‌ରେ ବ୍ୟବସାୟ କରିବେ ସେ ନେଇ ଆଲୋଚନା କରିଥିଲେ । ଏନେଇ ରେଲୱେ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ ଆରପିଏଫ ରାୟଗଡା ଅଧିକାରୀ ଡ଼ି.ଏନ. ତ୍ରିଲୋକଙ୍କୁ ପଚାରିବାରୁ, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ୟବସାୟୀଙ୍କୁ ବନ୍ଦ କରାଯାଇଛି ବୋଲି କହିଛନ୍ତି ।


ଏକାଠି ହୋଇଥିବା ବୁଲା ବେପାରୀମାନେ ।

# ଚାରାରୋପଣ ନେଇ ସଚେତନତା ଶୋଭାଯାତ୍ରା


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଗୁଣପୁର,୧୯।୭(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନେ ଚାରା ଧରି ଏକ ସଚେତନତା ଶୋଭାଯାତ୍ରାରେ ବାହାରିବା ସହ ଚାରାରୋପଣ କରିଥିଲେ। ବୃକ୍ଷ ନଷ୍ଟ ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବ ଉପରେ କହିବାସହ ଚାରାରୋପଣ କରିବା ନେଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ଫରେଷ୍ଟର ନୀଳମାଧବ ପାଢୀ ଏବଂ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଛାତ୍ରୀଛାତ୍ର ଏବଂ ଆଚାର୍ଯ୍ୟାଆଚାର୍ଯ୍ୟମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଆଚାର୍ଯ୍ୟ ଦୁର୍ଗାପ୍ରସାଦ ସୁଆର, ପଙ୍କଜ କୁମାର ସାହୁ, ଆଚାର୍ଯ୍ୟା ସନ୍ତୋଷୀ ବାହାଦୁର ସୁନାର, ସେବକ ଗୋବିନ୍ଦ ମୁଦୁଲି, ସେବିକା ପଦ୍ମାବତୀ ମହାନ୍ତି ଚାରାରୋପଣରେ ସହଯୋଗ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ପରିଚାଳନା କରିଥିଲେ ।

### ଟ୍ରେନ୍ ଧକ୍କାରେ ଛାତ୍ର ମୃତ

ଟିକିରି,୧୯।୭(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶିରିପାଇ ପଞ୍ଚାୟତରେ ଗତ ଗୁରୁବାର ଜଣେ ଛାତ୍ରଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି । ସେ ହେଲେ ରିଭଲକଣା ବିଦ୍ୟାଳୟର ସାନ ମାଝି । ସେ ଗାଁ ନିକଟସ୍ଥ ଟ୍ରେନ ଲାଇନରେ ଯାଉଥିବା ବେଳେ କୌଣସି ଏକ ଟ୍ରେନ୍ ଧକ୍କା ଦେଇଥିଲା । ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାର ଲୋକେ ତାଙ୍କ ମୃତଦେହକୁ ଲେଲିରୁ ଷ୍ଟେଶନ ନିକଟରୁ ଉଦ୍ଧାର କରିଥିଲେ ।

### ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଦାବିପତ୍ର

ରାୟଗଡା ଅଫିସ୍, ୧୯।୭

କେନ୍ଦ୍ରାପଡା ଏସ୍‌ପି ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ପ୍ରତିବାଦରେ ଶୁକ୍ରବାର ରାୟଗଡା ଜିଲା ଖବରଦାତା ୟୁନିୟନ ଏବଂ ଓୟୁଜେ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ରାୟଗଡା ଜିଲା ଖବରଦାତା ୟୁନିୟନ ସଭାପତି ରାଜେଶ ପଟ୍ଟନାୟକ, ଜିଲା ଓୟୁଜେ ଶାଖାର ବରିଷ୍ଠ ସଦସ୍ୟ ମନୋଜ ପାତ୍ର, ନିରଞ୍ଜନ ପାଳ, କେ.କେ. ଜେନା, ବାଳକୃଷ୍ଣ ପଟ୍ଟନାୟକ, ସୁଶାନ୍ତ ଦାଶ, ଜଗମୋହନ ଗରଡିଆ, ସୁଶାନ୍ତ ପ୍ରଧାନ, ସ୍ମୃତିରଞ୍ଜନ ମହାନ୍ତି, ସନ୍ତୋଷ ଦଳେଇ ଓ ବିବେକ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

■ ପୁରୀ ଜିଲାରେ ଦୂର ହେବ ଜଳ କଷ୍ଟ

# ପ୍ରଶାସନକୁ ମିଳିଲା ଜଳ ବିଶୋଧନ ଯନ୍ତ୍ର

ପୁରୀ ଅଫିସ, ୧୯।୭:

ବାତ୍ୟା ପ୍ରପୀଡ଼ିତ ପୁରୀ ଜିଲାବାସୀଙ୍କ ଜଳକଷ୍ଟକୁ ଦୂର କରିବା ଲାଗି ଜେକେ ପେପର ଲିମିଟେଡ଼ର ସହଯୋଗୀ ସଂସ୍ଥା ସ୍ୱର୍ଣ୍ଣ ପକ୍ଷରୁ ଜିଲା ପ୍ରଶାସନକୁ ଏକ ୱାଟର ପ୍ୟୁରି ଫାୟାର ବା ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) କାର୍ଯ୍ୟାଳୟଠାରେ ଜେକେ ପେପର ଲିମିଟେଡ଼ର ସିଏସ୍ଆର ମୁଖ୍ୟ ପ୍ରଫୁଲ୍ଲ ଧଳ ଏବଂ ଉପଦେଷ୍ଟା କପିଲ କଲ୍‌କଂଠାରୁ ଏହି ୱାଟର ପ୍ୟୁରି ଫାୟାରକୁ ଆରଡବ୍ଲ୍ୟୁଏସ୍ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ ଗ୍ରହଣ କରିଥିଲେ । ଏହି ଅବସରରେ ଧଳ କହିଥିଲେ, ଏହି ମେଶିନ ୱାଟର ଏଟିଏମ୍ ଭଳି କାର୍ଯ୍ୟ କରିବ। ଏହା ପୋଖରୀ ଓ ନଦୀ ପାଣିକୁ ମଧ ବିଶୋଧନ କରି ପାନୀୟ ଉପଯୋଗୀ କରିବ। ଏପରି କି ଲୁଣି ପାଣିକୁ ମଧୁର ଜଳରେ ରୂପାନ୍ତରିତ କରିପାରୁଛି। ଘଣ୍ଟାକୁ ପ୍ରାୟ ୧ ହଜାର ଲିଟରରୁ ଊର୍ଦ୍ଧ୍ୱ ଜଳକୁ ଏହା ବିଶୋଧନ କରିପାରୁଥିବାବେଳେ ଦୈନିକ ପ୍ରାୟ ୧୦ହଜାର ଲିଟର ଶୁଦ୍ଧ ପାଣି ଏଥିରୁ ମିଳିପାରିବ। ବାତ୍ୟା ପରେ ପ୍ରାୟ ଦେଢ ମାସ ହେଲା ଏହି ଭ୍ରାମ୍ୟମାଣ ମେଶିନ ପୁରୀ ଜିଲାର କଣାସ, ପୁରୀ ସଦର ପ୍ରଭୃତି ବ୍ଲକରେ ଲୋକଙ୍କୁ ପାନୀୟଜଳ ଯୋଗାଇଥିବା ବେଳେ ଶୁକ୍ରବାର ବିଧିବଦ୍ଧ ଭାବେ ଜିଲା ପ୍ରଶାସନକୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଧଳ ସୂଚନା ଦେଇଥିଲେ। ସେହିପରି ଆରଡବ୍ଲ୍ୟୁଏସ୍ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନାୟକ କହିଥିଲେ, ଦୁର୍ବିପାକ ସମୟରେ ଏହି ମେଶିନ ସାହାଯ୍ୟରେ ପୋଖରୀ ହେଉ ଅବା ନଦୀର ପ୍ରଦୂଷିତ ପାଣିକୁ ଶୁଦ୍ଧ କରାଯାଇ ପାରିବ। ଏହି ପାଣିକୁ ଟ୍ୟାଙ୍କର ଯୋଗେ ନେଇ ଆଖପାଖ ଗାଁ ଲୋକଙ୍କୁ ପିଇବା ପାଇଁ ଦିଆଯାଇପାରିବ। ପୁରୀ ଜିଲାର ଅଧିକାଂଶ ଅଞ୍ଚଳରୁ ଲୁଣିପାଣି ବାହାରୁଥିବାବେଳେ ଖରାଦିନେ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖା ଦେଇଥାଏ। ଜଳକଷ୍ଟ ଦୂରେଇବାରେ ଏହି ମେଶିନ ସହାୟକ ହୋଇପାରିବ ବୋଲି ନାୟକ ପ୍ରକାଶ କରିଥିଲେ।



ଜେକେ ପେପର ପକ୍ଷରୁ ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଉଛି ।

■ ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦାବି

# ସଂସଦରେ ଉଠାଇଲେ ଏମ୍‌ପି

ଗୁଣପୁର,୧୯।୭(ଡି.ଏନ.ଏ)

ରାୟଗଡା ଜିଲା କାଶୀପୁର ବ୍ଲକରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଝୋଡିଆ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି । ସେମାନଙ୍କୁ ଦଳିତ ସମ୍ପ୍ରଦାୟର ମାନ୍ୟତା ମିଳିଥିଲା। ଦଳିତ ହିସାବରେ ୧୯୯୭ ପର୍ଯ୍ୟନ୍ତ ଝୋଡିଆମାନେ ସମସ୍ତ ସରକାରୀ ସହାୟତା ପାଉଥିଲେ । ପରେ ସେମାନଙ୍କୁ ଏଥିରୁ ବଞ୍ଚିତ କରାଗଲା । ସେମାନଙ୍କ ଚାଲିଚଳନି, ସାମାଜିକ ଏବଂ ସଂସ୍କୃତି ଝୋଡିଆ ପରଜା ସମ୍ପ୍ରଦାୟର । ପରଜାମାନେ କଳାହାଣ୍ଡି ସହ ଅନ୍ୟାନ୍ୟ ସ୍ଥାନରେ ରହୁଥିବା ବେଳେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳିଛି । ହେଲେ ସେମାନେ ଏହି ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ଝୋଡିଆମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନରୁ ବଞ୍ଚିତ କରାଯାଇଛି। ରାଜ୍ୟସରକାର ଏଦିଗରେ କେନ୍ଦ୍ରକୁ ଅବଗତ କରିଛନ୍ତି। ହେଲେ କେନ୍ଦ୍ର ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଜଣାଇବାକୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ସଂସଦରେ ପ୍ରଶ୍ନ ଉଠାଇଛନ୍ତି । ଏହାର ଉତ୍ତର ଆଦିବାସୀମନ୍ତ୍ରୀ ରଖିବାକୁ ଏମ୍‌ପି ଉଲ୍ଲାକା ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ, ଝୋଡିଆମାନଙ୍କୁ ଆଦିବାସୀ ମାନ୍ୟତା ଦାବି ଦୀର୍ଘ ଦଶନ୍ଧି ଧରି ରହିଛି । ଏହାକୁ ନେଇ ସେମାନେ ପଲିଠାରୁ ଭୁବନେଶ୍ୱର ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଉଠାଇଛନ୍ତି । ହେଲେ ସେମାନଙ୍କ ଦାବି ପୂରଣ ହୋଇପାରି ନାହିଁ । ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି ।

# ବିସ୍ଥାପିତ, କ୍ଷତିଗ୍ରସ୍ତ, ପ୍ରଭାବିତଙ୍କ ନୂତନ କମିଟି ଚୟନ

ରାୟଗଡା ଅଫିସ୍, ୧୯।୭

ରାୟଗଡା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡାଠାରେ ବିସ୍ଥାପିତ, କ୍ଷତିଗ୍ରସ୍ତ ଓ ପ୍ରଭାବିତଙ୍କୁ ନେଇ ଏକ ନୂତନ କମିଟି ଚୟନ କରାଯାଇଛି । ଉତ୍କଳ ଆଲୁମିନା କାରଖାନା ସମ୍ମୁଖରେ ୭ଟି ପଞ୍ଚାୟତର ସରପଞ୍ଚ ଏବଂ ୨୪ଟି ଗ୍ରାମର ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ କମିଟି ଚୟନ କରାଯାଇଛି । ଗତ ୧୦ ତାରିଖରେ ଏହି ନୂତନ କମିଟି ଗଠନ କରାଯାଇଥିଲା । ଏହି କମିଟିକୁ ଅଞ୍ଚଳର ଲୋକଙ୍କ ଉନ୍ନତି କାର୍ଯ୍ୟରେ ନିୟୋଜିତ କରିବାକୁ ଅନୁମତି ଦେବା ନେଇ ଶୁକ୍ରବାର କମିଟି ସଦସ୍ୟ ଓ ଗ୍ରାମବାସୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କମିଟି ନ ଥିବା ଯୋଗୁ କମ୍ପାନୀ, ସରକାର ଓ ଲୋକଙ୍କ ମଧ୍ୟରେ ଆଲୋଚନା ହୋଇପାରୁ ନାହିଁ । ଏମିତି କି ଅଞ୍ଚଳର ବିକାଶ ଘଟୁନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ତେଣୁ ଏହି ନୂତନ କମିଟି ଦ୍ୱାରା କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ସହ ଆଲୋଚନା କରି ଅଞ୍ଚଳର ବିକାଶରେ ସହାୟକ ହେବ ବୋଲି ନିବେଦନ କରାଯାଇଛି । ସରପଞ୍ଚ ବାସନ୍ତୀ ମାଝି, ସିତାଇ ମାଝି, ନରସିଂହ ସାଉଁତା, ରାଧାନାଥ ସାଉଁତା, କାନ୍ତା ମାଝି, ନୁମାରୀ ପିଡିକା, ପାଟ ମାଝି ଏବଂ ୨୪ଖଣ୍ଡ ଗ୍ରାମର ଜନସାଧାରଣଙ୍କ ଉପସ୍ଥିତିରେ ଏହି ନୂତନ କମିଟି ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଶଙ୍କର୍ଷଣ ନାଏକ, ଉପସଭାପତି ଇଷିପାନ ବାଗ, ସମ୍ପାଦକ ଉମାଶଙ୍କର ମାଝି, ସହ ସମ୍ପାଦକ ପବିତ୍ର ନାଏକ, କୋଷାଧ୍ୟକ୍ଷ ଡମ୍ବରୁ ଝୋଡିଆ, ଉପକୋଷାଧ୍ୟକ୍ଷ ବଳଦେବ ଗୌଡ, ଉପଦେଷ୍ଟା ଚିତ୍ରସେନ ନାଏକ, ଆବାହକ ଭାବେ କିଶୋର ନାଏକ, ଉପେନ୍ଦ୍ର ନାଏକ, ହଳଧର ନାଏକ ଓ ବିଶ୍ୱନାଥ ନାଏକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି।

# ଛାତ୍ରୀଛାତ୍ରଙ୍କ କାମରେ ଲାଗୁନି ମହାବିଦ୍ୟାଳୟ ହଷ୍ଟେଲ

ରାୟଗଡା ଅଫିସ, ୧୯।୭

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ଏବଂ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣ କରାଯାଇଛି ହଷ୍ଟେଲ । ହେଲେ ଏହା ଛାତ୍ରୀଛାତ୍ରଙ୍କୁ ଦିଆ ନ ଯାଇ ଅନ୍ୟ କାମରେ ଲଗାଯାଇଛି । ତେଣୁ ତୁରନ୍ତ ଏହାକୁ ଛାତ୍ରୀଛାତ୍ର ବ୍ୟବହାର ଲାଗି ପ୍ରଦାନ କରିବାକୁ ଶୁକ୍ରବାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣଙ୍କ ପକ୍ଷରୁ ମହାବିଦ୍ୟାଳୟ ଅଧକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ମାସକ ଭିତରେ ହଷ୍ଟେଲଗୁଡିକୁ ଦିଆ ନ ଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।


କଲେଜ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୧-୧୨ ଆର୍ଥିକ ବର୍ଷରେ ୟୁଜିସି ଗ୍ରାଣ୍ଟରେ ୧୦୦ ଶଯ୍ୟାବିଶିଷ୍ଟ ୪ଟି ହଷ୍ଟେଲ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ଏବଂ ସାଧାରଣବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୪୮ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ କରାଯାଇଛି । ଗୋଟିଏ ହଷ୍ଟେଲ ପିଛା ୫୦ଲକ୍ଷ ଟଙ୍କା ବ୍ୟୟରେ ଛାତ୍ରୀମାନଙ୍କ ପାଇଁ ୩ଟି ଏବଂ ଗୋଟିଏ ହଷ୍ଟେଲ ଛାତ୍ରମାନଙ୍କ ପାଇଁ ନିର୍ମାଣ କରାଯାଇଛି । ତେବେ ହଷ୍ଟେଲ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ତାହାକୁ ଛାତ୍ରୀଛାତ୍ରଙ୍କ ସକାଶେ ବ୍ୟବହାର କରା ନ ଯାଇ ଅନ୍ୟ କାର୍ଯ୍ୟରେ ଲଗାଯାଇଛି । ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଗରିବ ଆଦିବାସୀ ଛାତ୍ରୀଛାତ୍ରମାନେ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦ୍ୱାରା ଅଞ୍ଚଳରେ ଆଦିବାସୀ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ହଷ୍ଟେଲଗୁଡିକୁ ଅତିଶୀଘ୍ର ବ୍ୟବହାର ପାଇଁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ରାୟଗଡା ବ୍ଲକ୍ ଅଧକ୍ଷ ପେଦେଣ୍ଟି ରାମୁଲୁ, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପୁଆଲା, କୁଲି ସରପଞ୍ଚ ହର ପ୍ରସାଦ ହେପ୍ରୁକା, ସମିତି ସଭ୍ୟ ଏମ୍. କଣ୍ଡାଗିରି ପ୍ରମୁଖ ଉପସ୍ଥିତ ଥିଲେ ।

### ଅଧ୍ୟକ୍ଷଙ୍କୁ ଦାବିପତ୍ର